## ସଂକ୍ଷେପରେ

### ପୋଖରୀରେ ବୁଡି ଯୁବକଙ୍କ ମୃତ୍ୟୁ

**ନବରଙ୍ଗପୁର,୧।୯(ବି.ପ୍ର.)**- ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ମିରଗାନଗୁଡା ଗାଁର ଗଣେଶ ହରିଜନ ପୋଖରୀରେ ବୁଡି ଯିବାରୁ ମୃତ୍ୟୁ ଘଟିଛି। ଗଣେଶ ପନିପରିବା ଦୋକାନ କରିବା ସହ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ନିକଟସ୍ଥ ଆହାର କେନ୍ଦ୍ରରେ କାମ କରୁଥିଲେ । ଗଣେଶ ପ୍ରତି ଦିନ ଭଳି ଉକ୍ତ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଗଭୀର ପାଣିରେରହିଥିବା ପଙ୍କରେ ଫସି ସାଇଥିଲେ । ସ୍ଥାନୀୟ ଲୋକ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ ମଧ ସକ୍ଷମ ହୋଇ ନ ଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଣେଶକୁ ପୋଖରୀରୁ ଉଦ୍ଧାର କରି ଡାକ୍ତରଖାନାକୁ ଆଣିଥିଲେ । ଡାକ୍ତର ମୃତ ଘୋଷଣା କରିଥିଲେ ।

### ୩ କାର କାଚ ଭାଙ୍ଗିଲେ ଦୁର୍ବୃତ୍ତ

**ନବରଙ୍ଗପୁର, ୧।୯ (ବି.ପ୍ର.)**
ନବରଙ୍ଗପୁର ମଙ୍ଗଳମ ଟିମ୍ବର ଅଫିସର କ୍ୱାର୍ଟର୍ସ ନିକଟରେ ଥିବା ତିନୋଟି କାରର କାଚ ୩୦ ତାରିଖ ରାତିରେ ଦୁର୍ବୃତ୍ତମାନେ ଭାଙ୍ଗି ଚୁରମାର କରି ଦେଇଛନ୍ତି । ଏନେଇ ନବରଙ୍ଗପୁର ଥାନାରେ ଅଭିଯୋଗ ହୋଇଛି । ସିନିୟର ମ୍ୟାନେଜର ଅଜୟ କରଣଙ୍କ କାର ଏବଂ ଦୁଇଟି ଟିମ୍ବର କମ୍ପାନୀର କାର ଦୁର୍ବୃତ୍ତମାନେ ଭାଙ୍ଗିଥିବା ସୂଚନା ମିଳିଛି ।

## ■ ଖବରଦାତାଙ୍କୁ ହତ୍ୟା ଧମକ ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବି, ଏଏସପିଙ୍କୁ ଭେଟିଲା ଓୟୁଜେ

**ନବରଙ୍ଗପୁର,୧।୯(ବି.ପ୍ର.)**



ଅତିରିକ୍ତ ଏସପିଙ୍କୁ ଓୟୁଜେ ପକ୍ଷରୁ ଦାବିପତ୍ର ଏବଂ ଅଡିଓ ରେକର୍ଡିଂର ସିଡୀ ପ୍ରଦାନ କରାଯାଉଛି ।

■ ଜିଲାପ୍ରତିନିଧିଙ୍କୁ ଧମକ ଦିଆଯାଇଥିବା ଅଡିଓର କଲ ରେକର୍ଡିଂ ପ୍ରଦାନ

■ ଅଡିଓ ରେକର୍ଡିଂକୁ ତଦନ୍ତ ପରିସର ଭୁକ୍ତ କରାଯାଉ

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ 'ଧରିତ୍ରୀ' ପ୍ରତିନିଧି ଦିଲୀପ ଦାସଙ୍କ ଏତଲା କ୍ରମେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଜିଲା ଓୟୁଜେ ସଂଘ ଏସପିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଏସପି ଶାନ୍ତନୁ କୁମାର ମହାନ୍ତିଙ୍କୁ ରବିବାର ଦାବୀପତ୍ର ପ୍ରଦାନ କରିଛି । ଏଥିସହ ଏପ୍ରିଲ ମାସରେ ଧରିତ୍ରୀ ଜିଲା ପ୍ରତିନିଧି ସଦାଶିବ ପ୍ରହରାଜଙ୍କୁ ଗିରିଧାରୀ ମଲ୍ଲିକ ଦେଇଥିବା ଧମକର କଲ ରେକର୍ଡିଂର ଅଡିଓ ସିଡୀ ଅଭିଯୋଗ ପ୍ରତ୍ରରେ ସଂଲଗ୍ନ କରାଯାଇଛି। ଏହି ଅଡିଓ ରେକଡିଂକୁ ମଧ ତଦନ୍ତ ପରିସରକୁ ଅଣାଯିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି ।

ଚନ୍ଦାହାଣ୍ଡି ବ୍ଲକ ଦେଓବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ଥିବାରୁ ଚିକିତ୍ସିତ ହୋଇପାରିଲେନି, ଡାକ୍ତରଖାନା ସମ୍ମୁଖରେ ଗଡିଲେ ଜ୍ୱରରେ ଆକ୍ରାନ୍ତ ଛାତ୍ର ଖବର ଗୁରୁବାର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଶୁକ୍ରବାର ମଧ୍ୟାହ୍ନରେ ଦେଓବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ମା' ନୟନା ମଲ୍ଲିକ ଓ ବାପା ଗିରିଧାରୀ ମଲ୍ଲିକ ଖବରଦାତା ଦିଲୀପଙ୍କ ପୂଜାରିଗୁଡା ସ୍ଥିତ ବାସଭବନକୁ ଯାଇଥିଲେ। ଦିଲୀପଙ୍କ ଅନୁପସ୍ଥିତ ଥିବା ବେଳେ ତାଙ୍କ ସ୍ତ୍ରୀ ଇନ୍ଦୁରେଖା ମେହେରଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ଦିଲୀପଙ୍କୁ ମାରି ଫିଙ୍ଗିଦେବୁ ବୋଲି ହତ୍ୟା ଧମକ ଦେଇଥିଲେ । ଉକ୍ତ ବିଷୟ ନେଇ ଇନ୍ଦୁରେଖା ତାଙ୍କ ସ୍ୱାମୀ ଦିଲୀପଙ୍କୁ ଅଗବତ କରାଇଥିଲେ। ଏହା ପରେ ଉଭୟ ଦିଲୀପ ଓ ତାଙ୍କ ସ୍ତ୍ରୀ ଚନ୍ଦାହାଣ୍ଡି ଥାନାରେ ୩୦ ତାରିଖରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଚନ୍ଦାହାଣ୍ଡି ଥାନାରେ ନଂ.୯୦/୧୯ରେ ମାମଲା ରୁଜୁ ହୋଇଛି । ପରବର୍ତ୍ତୀ ସମୟରେ ଦିଲୀପଙ୍କ ନାମରେ ଗିରିଧାରୀ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ପାଲଟା ଅଭିଯୋଗ କରିଛନ୍ତି। ଏହାକୁ ରାଜ୍ୟ ଓ ଜିଲା ସମ୍ବାଦିକ ସଂଘ(ଓୟୁଜେ) ଅତି ଗୁରୁତ୍ୱର ସହ ନେଇଛି । ଖବରଦାତା ଦିଲ୍ଲୀପଙ୍କ ଦିଆଯାଇଥିବା ଏତଲା ଅନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ କରାଯାଉ ବୋଲି ଦାବୀ କରିଛି । ଏଥିସହ ନବରଙ୍ଗପୁର ଧରିତ୍ରୀ ଜିଲା ପ୍ରତିନିଧି ସଦାଶିବ ପ୍ରହରାଜଙ୍କ ମୋବାଇଲ ନମ୍ବର ୮୦୧୮୦୨୨୨୧କୁ ଏପ୍ରିଲ ୨୭ ତାରିଖରେ ଗିରିଧାରି ମୋବାଇଲ ନମ୍ବର ୯୫୫୬୮୦୭୦୮୮ରୁ ଫୋନ କରି ଧମକ ଦେଇଥିଲେ । ଧମକ ଦେବାର କିଛି ଦିନ ପୂର୍ବରୁ ଦେଓବନ୍ଧ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ମହୁଲ ଶୁଖା ଯାଇଥିବା ଫଟୋ ସହ ଖବର ପ୍ରକାଶ ପାଇଥିଲା । ଏହାକୁ ନେଇ ଗରିଧାରୀ ଜିଲା ପ୍ରତିନିଧିଙ୍କୁ ଧମକ ଦେଇଥିଲେ । ଦିଲୀପଙ୍କୁ ଦିଆଯାଇଥିବା ହତ୍ୟା ମାମଲାର ତଦନ୍ତ ପ୍ରକ୍ରିୟାରେ ଏହି ଅଡିଓ ରେକର୍ଡିଂକୁ ମଧ ତଦନ୍ତ ପରିସର ଭୁକ୍ତ କରାଯାଉ ବୋଲି ସଂଘ ଦାବି କରିଛି । ଏହି ଦାବିକୁ ୪୮ ଘଣ୍ଟା ମଧରେ କାର୍ଯ୍ୟକାରୀ କରାନଯାଏ ପରବର୍ତ୍ତି ସମୟରେ ନ୍ୟାୟ ପାଇଁ ଅନ୍ୟ ପନ୍ଥା ଗ୍ରହଣ କରାଯିବ ବୋଲି ସଂଘ ଜଣାଇଛି । ଦାବୀପତ୍ର ପ୍ରଦାନ ସମୟରେ ଜିଲା ସଭାପତି ସୁଶାନ୍ତ ବେହେରା, ଉପସଭାପତି ଲକ୍ଷ୍ମୀକାନ୍ତ ପଣ୍ଡା, ଗୌରାଙ୍ଗ ପାତ୍ର, ଶ୍ରୀଧର ପାତ୍ର, କିଶୋର କୁମାର ପଟ୍ଟନାୟକ, ଚିଦାନନ୍ଦ ସାହୁ, ବିରାଜ କୁମାର ପଟ୍ଟନାୟକ, ସ୍ୱାଧିନ ପଣ୍ଡା, ବସନ୍ତ ରଥ, ରବି ପଟ୍ଟନାୟକ, ଝିମି ଘଣ୍ଟ, ନବଘନ ବିଷୋୟୀ, ରାମ ଦଳେଇ, ତରୁଣ କୁମାର ବିଷୋୟୀ, ଗୋପାଳ କୃଷ୍ଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ଉପଢୌକନ ପ୍ରଦାନ କରାଯାଉଛି ।

**ନବରଙ୍ଗପୁର,୧।୯(ବି.ପ୍ର.)**
ସ୍ଥାନୀୟ ମିଶନ ଶକ୍ତି ବୈଠକ ଗୃହରେ ଜିଲା ସମାଜ କଲ୍ୟାଣ ଅଧିକାରୀ ନିମାଇଁ ଚରଣ ସ୍ୱର୍ଣ୍ଣକାରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅଜିତ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୂତାର, ଉପଜିଲାପାଳ କରୁଣାକର ରାଇକା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ସିଡିପିଓ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ସମାଜ କଲ୍ୟାଣ ଅଧିକାରୀ ଯେଉଁ ସବୁ ଉନ୍ନୟନ ମୂଳକ କାର୍ଯ୍ୟ କରିଥିଲେ ସେ ସମ୍ପର୍କରେ ଶିଶୁ ବିକାଶ ଯୋଜନାର ଅଧିକାରୀମାନେ ଆଲୋକପାତ କରିଥିଲେ । ପୁଷ୍ଟିହୀନତା ଶିଶୁଙ୍କ ପାଇଁ ସ୍ୱର୍ଣ୍ଣକାର ୧୨ଟି ପଦକ୍ଷେପ ଗ୍ରହଣ କରି ସେମାନଙ୍କ ବିକାଶ ଦିଗରେ ଚେଷ୍ଟିତ ଥିଲେ । ସେ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ଜିଲାରେ ପୁଷ୍ଟିହୀନ ଶିଶୁଙ୍କ ସଂଖ୍ୟା କିଭଳି ହ୍ରାସ କରାଯିବ ସେ ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ସ୍ୱର୍ଣ୍ଣକାରଙ୍କୁ ଏକ ଉପଢୌକନ ପ୍ରଦାନ କରାଯାଇଥିଲା।

## କ୍ୟାଣ୍ଡେଲ ଶୋଭାଯାତ୍ରା



ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା ।

**ମାଲକାନଗିରି,୧।୯(ଡି.ଏନ୍.ଏ.)**– ମାଲକାନଗିରି ଜିଲା ଖଇରପୁଟ ବ୍ଲକରେ ଗତ ୨୮ରେ ହୋଇଥିବା ଏନକାଉଣ୍ଟରରେ ଯବାନ ଜୟରାମ କବାସୀ ଶହୀଦ ହୋଇଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ରବିବାର ସନ୍ଧ୍ୟାରେ ମାଲକାନଗିରି ପୋଲିସ ବାହିନୀ ଏବଂ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି. ହ୍ରିସିକେଷ ଡି. କିଲାରି ଡିଏନକେ ଖେଳ ପଡିଆଠାରେ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ପୋଲିସବାହିନୀ,ନାଗରିକ ସୁରକ୍ଷା ମଞ୍ଚ ସଦସ୍ୟଙ୍କ ସହ ଲୋକମାନେ ଶୋଭାଯାତ୍ରାରେ ସାମିଲ ହୋଇ ବସ୍‌ଷ୍ଟାଣ୍ଡଠାରେ ପହଞ୍ଚିଥିଲେ। ସେଠାରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିଠାରେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଡିଏଫଓ ପ୍ରଦୀପ ଦେବିଦାସ ମିରାସେ ଯୋଗଦେଇ ମାଲକାନଗିରି ମାଟି ଶହୀଦ ଜୟରାମଙ୍କ ଆତ୍ମବଳି ସବୁଦିନ ପାଇଁ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଆଇଆଇସି ରାମ ପ୍ରସାଦ ନାଗ ପରିଚାଳନା କରିଥିଲେ।

# ଭୋଟର ତାଲିକା ଯାଞ୍ଚ ଆରମ୍ଭ

**ଡାବୁଗାଁ,୧।୯ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ଭୋଟର ତାଲିକା ଯାଞ୍ଚ କାର୍ଯ୍ୟକ୍ରମ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ମୋଟ ୫୪ ଭୋଟ ଗ୍ରହଣ କେନ୍ଦ୍ରରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ଭୋଟର ତାଲିକା ଯାଞ୍ଚ କରିଥିଲେ। ଭୋଟରମାନେ ନିଜର ପରିଚୟପତ୍ର ନେଇ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ନିକଟରେ ଦାଖଲ କରିବେ। କାର୍ଯ୍ୟକ୍ରମ ପୂର୍ବାହ୍ନ ୯ଠାରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ଭୋଟର ତାଲିକା ଯାଞ୍ଚ କାର୍ଯ୍ୟକ୍ରମ ଅକ୍ଟୋବର ମାସ ୧୫ ଯାଏଁ ଚାଲିବ। ଡାବୁଗାଁ ବ୍ଲକ ବୁଥ ନଂ-୯୧, ଡାବୁଗାଁ ଏକ୍ସ-ବୋର୍ଡ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ଉପସ୍ଥିତ ରହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବୁଥ୍ ନଂ-୫୪ ସରାଗୁଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଡିଓ ରଞ୍ଜିତାମେରୀ ନାୟକ ଓ ବୁଥ୍ ନଂ-୯୦ ଜୟନ୍ତୀନଗର ନୂତନ ପ୍ରାଥମିକ ବିଦ୍ୟାଳୟରେ ତହସିଲଦାର ସୁବାସ ଚନ୍ଦ୍ର ସିଂ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବୁଥ୍‌ନଂ-୯୦ ଜୟନ୍ତୀନଗର ପ୍ରାଥମିକ ବିଦ୍ୟାଳୟରେ ତହସିଲଦାର ୧୧ଟାରେ ପହଞ୍ଚି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପରେ ଭୋଟର ପରିଚୟପତ୍ର ଯାଞ୍ଚ କରାଯାଇଥିଲା। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହେଶ୍ୱର ପଧାନ ବିଭିନ୍ନ ବୁଥ୍ ପରିଦର୍ଶନ କରିଥିଲେ। ସୁପରଭାଇଜର କୃଷ୍ଣଚନ୍ଦ୍ର ପଣ୍ଡା, ଧନସିଂ ତନ୍ତୀ, ରାଇସିଂ ପୂଜାରୀ, ରତିକାନ୍ତ ନାୟକ ଓ ବିକାଶ ରଞ୍ଜନ ନିଶଙ୍କ ପ୍ରମୁଖ ବୁଥ୍ ବୁଲି କାର୍ଯ୍ୟକ୍ରମ ତଦାରଖ କରିଥିଲେ।



ତାଲିକା ଯାଞ୍ଚ କାର୍ଯ୍ୟକ୍ରମରେ ଉପସ୍ଥିତ ଡିଡବ୍ଲୁଓ ଏବଂ ଭୋଟରମାନେ ।

## ■ ଇଣ୍ଡିଆନ ଅଏଲ୍ କମ୍ପାନୀର ୬୦ ବର୍ଷ ପୂର୍ତ୍ତି

# ମା' ପେଣ୍ଡ୍ରାଣୀ ଇଣ୍ଡେନ ଗ୍ୟାସ ପକ୍ଷରୁ ଚାରାରୋପଣ



ଇଣ୍ଡେନ ଗ୍ୟାସ କର୍ମଚାରୀମାନେ ଚାରା ରୋପଣ କରୁଛନ୍ତି ।

**ଉମରକୋଟ, ୧।୯(ଡି.ଏନ୍.ଏ.)**

ଇଣ୍ଡିଆନ୍ ଅଏଲ୍ କମ୍ପାନୀର ୬୦ ବର୍ଷ ପୂର୍ତ୍ତି ଅବସରରେ ରବିବାର ଉମରକୋଟସ୍ଥିତ ମା' ପେଣ୍ଡ୍ରାଣି ଇଣ୍ଡେନ ଗ୍ୟାସ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଉଜ୍ଜ୍ୱଳା ଯୋଜନାର ୬୦ଜଣ ହିତାଧିକାରୀଙ୍କୁ ଲାଇଟର, ଗ୍ୟାସ ପାଇପ ଓ ଆପ୍ରନ ପ୍ରଦାନ କରାଯାଇଥିଲା । ମା' ପେଣ୍ଡ୍ରାଣୀ ଇଣ୍ଡେନ ଗ୍ୟାସ ମ୍ୟାନେଜର ଟିଙ୍କୁ ଦାସ, ଅତିରିକ୍ତ ମ୍ୟାନେଜର ପ୍ରଦୀପ ମିଶ୍ର ଉପସ୍ଥିତ ଥିଲେ। ରନ୍ଧନ ଗ୍ୟାସ ବ୍ୟବହାର ସମ୍ପର୍କରେ ସେମାନେ ହିତାଧିକାରୀଙ୍କୁ ବୁଝାଇଥିଲେ। ଏଥିସହ ଏ ସମ୍ବନ୍ଧୀୟ ଏକ ପୁସ୍ତକ ପ୍ରଦାନ କରାଯାଇଥିଲା । ପରେ ଗୋଦାମ ପରିସରରେ ଚାରାରୋପଣ କରାଯାଇଥିଲା । ଏହି ଚାରାଗୁଡିକର ଯତ୍ନ ନେବାକୁ ସମସ୍ତେ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୁଣ୍ଡୁ ଜାନୀ, ଦଶରଥ ଗଣ୍ଡ, ଶିବ ଟାଟା ରାଓ ପ୍ରମୁଖ ଉପସ୍ଥିତ ଥିଲେ।




# ସଙ୍ଗୀତଜ୍ଞ ଉମାପତିଙ୍କୁ ଶ୍ରଦ୍ଧାଞ୍ଜଳି

**ନବରଙ୍ଗପୁର,୧।୯(ବି.ପ୍ର.)**

ଉମାପତି ବେହେରା ଜଣେ କର୍ଣ୍ଣାଟକୀ ବିଶାରଦ । ଶାସ୍ତ୍ରୀୟ ସଙ୍ଗୀତ କାର । ସୁଗମ ସଙ୍ଗୀତ ପରିବେଷଣ, ହରିକଥା ଗାୟନରେ ଥିଲା ତାଙ୍କ ବିଶେଷ ପାରିଦର୍ଶିତା । ସେ ଥିଲେ ଜଣେ ପ୍ରଖ୍ୟାତ ମୃଦଙ୍ଗ ଓ ହାରମୋନିୟମ ବାଦକ । ଓଡିଶୀ ଦଶ ଅବତାର ଓ ଗୀତ ଗୋବିନ୍ଦ ଗାୟନ ଜଗତର ଥିଲେ ସେ ଥିଲେ ଜଣେ କୁଶଳୀ କାରିଗର । ୧୯୭୦ ଦଶକରେ ଉମାପତି ଅବିଭକ୍ତ କୋରାପୁଟ ଜିଲାଓ ଜିଲା ବାହାରେ ନିଜର ସଙ୍ଗୀତ ପରିବେଷଣ ଯୋଗୁଁ ସେ ଥିଲେ ସମସ୍ତଙ୍କ ଆପଣାର ମଣିଷ । ତାଙ୍କରି ଅବର୍ତ୍ତମାନରେ ଅବିଭକ୍ତ କୋରାପୁଟ ଜିଲାର ସଙ୍ଗୀତ କ୍ଷେତ୍ରରେ ଅପୁରଣୀୟ କ୍ଷତି ହେଲା । ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସଂସ୍କୃତି ଭବନ ସମ୍ମିଳନୀ ଗୃହରେ ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ଯୋଗ ଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ ।ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଏହାର ଆବାହକ ଥିଲେ । ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ବୁଲୁ ହୋତା ମଞ୍ଚ ପରିଚାଳନା କରିଥିଲେ । ବରିଷ୍ଠ ଆଇନଜୀବୀ ପ୍ରକାଶ ଚନ୍ଦ୍ର ମିଶ୍ର, ଉମାଶଙ୍କର ତ୍ରିପାଠୀ ମଞ୍ଚାସୀନ ଥିଲେ । ଫୁଲବାଣୀଠାରେ ଥିବା ତାଙ୍କ ପୁଅଙ୍କ ବାସଭବନରେ ଶୁକ୍ରବାର ଭୋର ସମୟରେ ଉମାପତି (୮୭)ଙ୍କ ବିୟୋଗ ଘଟିଥିଲା । ସେ ରାୟଗଡା ଜିଲା ଦେବଦଳା ଗାଁରେ ଜନ୍ମ ଗ୍ରହଣ କରିଥିଲେ। ଏହି ପଥିତଯଶା କଳାକାର ପରବର୍ତ୍ତି ସମୟରେ ସାରା ଜୀବନ ନବରଙ୍ଗପୁର ଠାରେ ଅବସ୍ଥାନ କରି କଳା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିଥିଲେ। ତାଙ୍କରି ଅମ୍ଳାନ ସ୍ମୃତିକୁ ଜିଲାର ଉତ୍ତର ପିଢୀଙ୍କ ପାଇଁ ଉଜ୍ଜିବିତ କରି ରଖିବାରୁ ଜିଲା ପ୍ରଶାସନ ଉଦ୍ୟମ କରିବା ପାଇଁ ଶ୍ରଦ୍ଧାଞ୍ଜଳୀ ସଭାରେ ମତପ୍ରକାଶ ପାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲାର ବରିଷ୍ଠ କଳାକାର ଓ କଳାପ୍ରେମୀ ଅସିତ କୁମାର ଦେଓ, ପ୍ରଦୀପ ମିଶ୍ର, ସୁରେଶ ମିଶ୍ର, ସତ୍ୟ ନାରାୟଣ ଖଡଗରାୟ, ଅଶୋକ ସାହୁ, ପ୍ରାଧ୍ୟାପକ ବିଜୟ କୁମାର ମିଶ୍ର, ଦେବଦାଶ ମହାକୁଡ଼, ରାମ ପ୍ରସାଦ ପାତ୍ର, ସାନୁଜ କୁମାର ପାତ୍ର, ଭୁବନେଶ୍ୱର ଦାଶ, ବିନୁ ସୁନା, ଅଶୋକ ମହାନ୍ତି, ମନୋଜ ପଟ୍ଟନାୟକ, ପ୍ରକାଶ ସାମନ୍ତରାୟ, ପ୍ରଦୀପ ନନ୍ଦ, ରାମ ସିଂ ସୀମା ପାଣିଗ୍ରାହୀ, ମୂରଲିଧର ପଟ୍ଟନାୟକ, ବାଲଜୀ କିଶୋର ରାୟ ପ୍ରମୂଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ସ୍ୱର୍ଗତ ଉମାପତିଙ୍କ ବିୟୋଗରେ ଓଡିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ଶୋକ ପ୍ରକାଶ କରିଛନ୍ତି।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

### ଅବସରକାଳୀନ ସମ୍ବର୍ଦ୍ଧନା

**ଚନ୍ଦାହାଣ୍ଡି,୧।୯(ଡି.ଏନ.ଏ)**
ଚନ୍ଦାହାଣ୍ଡି ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ପିଅନ ରାଇସିଂ ଦୁର୍ଗାଙ୍କୁ ତହସିଲ କର୍ମଚାରୀଙ୍କ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏଥିରେ ତହସିଲଦାର ହୃଦାନନ୍ଦସିଂ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ତହସିଲଦାର ଦେବବ୍ରତ କରାଟି ଯୋଗ ଦେଇଥିଲେ। ଦୁର୍ଗାଙ୍କୁ ଗୀତା, ଛତା ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଉପ ପରିଦର୍ଶକ ଦୟାନିଧି ଜାନୀ , ମୁଖ୍ୟ କିରାଣୀ ଧନୁର୍ଯ୍ୟୟ ପୁଜାରୀ , ସଂଜୟ ଖମାରୀ , ପ୍ରଭାତ ବେହେରା, ଅଶୋକ କୁମାର ମିଶ୍ର, ହରେକୃଷ୍ଣ ପୁଜାରୀ, ମନିସା ଦଣ୍ଡସେନା, ଅନନ୍ତ ସିହ୍ନା ପ୍ରମୂଖ ଉପସ୍ଥିତ ଥିଲେ ।

## ଆଲ୍ଲାହାବାଦ ବ୍ୟାଙ୍କ
(ଭାରତ ସରକାରଙ୍କ ଉପକ୍ରମ)
**ନୟାପଲ୍ଲୀ ଶାଖା** : ୩/୧ ବି, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

## ଦଖଲ ନୋଟିସ୍
(ସ୍ଥାବର / ଅସ୍ଥାବର ସମ୍ପତ୍ତି ନିମନ୍ତେ)

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।
ଯେହେତୁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଓ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ନୟାପଲ୍ଲୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।
***ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| ଋଣଗ୍ରହୀତା: ମେସର୍ସ ରମାଦେବୀ ଫୁଡ୍ସ ପ୍ରା.ଲିଃ, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ମାନସ ରଞ୍ଜନ ସୁତାର, ନିର୍ଦ୍ଦେଶକ:ଶ୍ରୀ ମନୋଜ କୁମାର ସୁତାର, ଜାମିନ୍‌ଦାରମାନେ:(୧)ଶ୍ରୀ ମାନସ ରଞ୍ଜନ ସୁତାର,(୨)ଶ୍ରୀ ମନୋଜ କୁମାର ସୁତାର, (୩)ଶ୍ରୀମତୀ ରମାମଣୀ ସୁତାର (୪) ଶ୍ରୀ ମହେନ୍ଦ୍ର ସୁତାର, ସମସ୍ତଙ୍କ ଠିକଣା: ପ୍ଲଟ ନଂ.୭୭୨, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୩, ଜିଲ୍ଲା-ଖୋର୍ଦ୍ଧା । | (୧) ବ୍ୟାଙ୍କ ଫାଇନାନ୍ସରୁ ନିର୍ମିତ ହୋଇଥିବା ବହୁ ପରିମାଣର ଅସ୍ଥାବର ସମ୍ପତ୍ତି, (୨)ମନୋଜ କୁମାର ସୁତାର ଏବଂ ମାନସ ରଞ୍ଜନ ସୁତାରଙ୍କ ନାମରେ ଥିବା ପ୍ରୋଜେକ୍ଟ ଜମିର ଅଂଶବିଶେଷ ଯାହାର ଖାତା ନଂ.-୩୭୩/୧୫୮, ପ୍ଲଟ ନଂ.-୧୦୫୩, ଏରିଆ-ଏକର୦.୧୨୦ ଡିସିମିଲି, ପ୍ଲଟ ନଂ.-୧୦୫୪, ଏରିଆ-ଏକର୦.୮୪୦ ଡିସିମିଲି, ପ୍ଲଟ ନଂ.-୧୧୩୧/୧୪୪୪/୧୫୫, ଏରିଆ-ଏକର୦.୧୨୦ ଡିସିମିଲି, ଖାତା ନଂ.-୩୭୩/୧୫୭, ପ୍ଲଟ ନଂ.-୧୦୬୨, ଏରିଆ- ଏକର୧.୨୨୦ ଡିସିମିଲି, ସମୁଦାୟ ଏରିଆ-ଏକର୨.୩୦ ଡିସିମିଲି, ମୌଜା-ମୁଳକୁଦେଇ, ତହସିଲି-ବାହାନଗା ନଂ.୭୮, ଜିଲ୍ଲା-ବାଲେଶ୍ୱରରେ ଅବସ୍ଥିତ, ଚଉହଦି: ପୂର୍ବ-ପ୍ଲଟ ନଂ.୧୪୫୦, ୧୪୬୧, ପ୍ଲଟ ନଂ.୧୧୩୧/୧୪୪୪ର ବଳକା, ପଶ୍ଚିମ- ପ୍ଲଟ ନଂ.୧୦୫୭, ୧୦୫୬, ୧୪୪୩, ୧୦୫୫, ୧୦୫୨, ୧୦୪୯, ଉତର- ପ୍ଲଟ ନଂ.୧୦୬୧, ୧୦୬୪, ୧୦୫୩, ୧୦୫୪, ୧୦୫୫, ୧୦୪୮, ଦକ୍ଷିଣ- ପ୍ଲଟ ନଂ.୧୦୫୪, ୧୧୪୧, ୧୦୫୨, ୧୧୩୧, ୧୧୩୧/୧୪୪୪ ଏବଂ ରାସ୍ତା । (୩) ଶ୍ରୀ ଏମ୍.କେ. ସୁତାରଙ୍କ ନାମରେ ଥିବା ଜମି ଏବଂ ସେଠାରେ ହୋଇଥିବା ନିର୍ମାଣର ଅଂଶବିଶେଷ ଯାହାର ଖାତା ନଂ.-୧୨୬୮/୨୫୫, ପ୍ଲଟ ନଂ.-୨୮୮, (ଚଉହଦି: ଉତର-ପ୍ଲଟ ନଂ.୨୧୭, ଦକ୍ଷିଣ- ପ୍ଲଟ ନଂ.୨୮୯), ଏବଂ ଖାତା ନଂ.୧୨୬୮/୨୫୪, ପ୍ଲଟ ନଂ.୨୮୯ (ଚଉହଦି: ଉତର-ପ୍ଲଟ ନଂ.୨୮୮, ଦକ୍ଷିଣ-ପ୍ଲଟ ନଂ.୪୧୭୦), ପ୍ରତ୍ୟେକ ପ୍ଲଟର ଏରିଆ-ଏକର୦.୯୩୦ ଡିସିମିଲି, (ଏରିଆ-ଏକର୧.୮୬୦ ଡିସିମିଲି), ମୌଜା-ବଇରି, ଥାନା-ବଡଚଣା, ତହସିଲି-ଦର୍ପଣ, ଜିଲ୍ଲା-ଯାଜପୁରରେ ଅବସ୍ଥିତ । (୪) ମାନସ ରଞ୍ଜନ ସୁତାର ଏବଂ ମନୋଜ କୁମାର ସୁତାରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା-ପଥରଗାଡିଆ, ଖାତା ନଂ.-୧୭୭, ପ୍ଲଟ ନଂ.-୬୫୦, ଏରିଆ-ଏକର୦.୧୮୯ ଡିସିମିଲି, ଥାନା-ଚନ୍ଦକା, ତହସିଲି/ଏସ୍‌ଆରଓ- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ସବ୍ ପ୍ଲଟ ନଂ.୧,୨ ଏବଂ ୩, ପ୍ରତ୍ୟେକ ସବ୍ ପ୍ଲଟର ଏରିଆ-୦.୦୬୩ ଡିସିମିଲି, ସବ୍ ପ୍ଲଟ ନଂ୧ ଓ ୨ ର ଚଉହଦି: ପୂର୍ବ-ପ୍ଲଟ ନଂ.୬୪୭(ସରକାରୀ), ପଶ୍ଚିମ-ପ୍ଲଟ ନଂ.୬୫୧ (ସରକାରୀ), ଉତର-ପାଣ୍ଡୁ ବେହେରା ଓ ଅନ୍ୟମାନଙ୍କ ଜମି, ଦକ୍ଷିଣ-ସବ୍ ପ୍ଲଟ ନଂ.୩, ସବ୍ ପ୍ଲଟ ନଂ.୩ ର ଚଉହଦି: ପୂର୍ବ-ପ୍ଲଟ ନଂ.୬୪୭(ସରକାରୀ), ପଶ୍ଚିମ-ପ୍ଲଟ ନଂ.୬୫୧ (ସରକାରୀ), ଉତର-ସବ୍ ପ୍ଲଟ ନଂ.୨, ଦକ୍ଷିଣ-ମନୋଜ କୁମାର ସୁତାରଙ୍କ ନାମରେ ଥିବ ସବ୍ ପ୍ଲଟ ନଂ.୪ । (୫)ଶ୍ରୀମତୀ ରମାମଣୀ ସୁତାରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା - ନୟାପଲ୍ଲୀ, ଖାତା ନଂ.-୧୬୬, ପ୍ଲଟ ନଂ.-୭୭୧, ଏରିଆ-ଏକର୦.୦୫୦ ଡିସିମିଲି, ପୋ/ଥାନା- ନୟାପଲ୍ଲୀ, ତହସିଲି/ଏସ୍‌ଆରଓ- ଭୁବନେଶ୍ୱର, ଚଉହଦି: ପୂର୍ବ-ଡ୍ରେନ ଏବଂ ପଡୀ ବେଓ୍ୱା, ପଶ୍ଚିମ- ଡ୍ରେନ ଏବଂ ପ୍ଲଟ ନଂ.୭୭୬, ଉତର-ଡ୍ରେନ ଏବଂ ପ୍ଲଟ ନଂ.୭୬୦, ଦକ୍ଷିଣ- ପ୍ଲଟ ନଂ.୭୭୨, (ରମାମଣୀ ସୁତାରଙ୍କ ବାସସ୍ଥାନ) । | ୨୧.୦୫.୨୦୧୯ | ୨୯.୦୮.୨୦୧୯ | ତା.୨୦.୦୫.୨୦୧୯ ସୁଦ୍ଧା ଟ.୩,୫୫,୭୩,୪୭୧/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୩୧.୦୮.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ





ଅନ୍ତର୍ନିହିତ ଦେବତ୍ୱ ବିକାଶର ନାମ ହିଁ ଧର୍ମ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଗାନ୍ଧୀ ଜୟନ୍ତୀ ପାଇଁ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଆରମ୍ଭ

ଜୟପୁର,୧୮(ନି.ପ୍ର.): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ୟୁଥ୍ ରେଡକ୍ରସ୍ ଶାଖା ତରଫରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଇଁ ବର୍ଷବ୍ୟାପୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। କଲେଜ ଅଧକ୍ଷା ମନୋରମା ଦେବୀ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ମନୋରଞ୍ଜନ ପ୍ରଧାନ ଏହାର ବିସ୍ତୃତ ବିବରଣୀ ରଖିଥିଲେ। ପ୍ରତ୍ୟେକ ମାସରେ ମହାତ୍ମା ଗାନ୍ଧୀଙ୍କ ଉପରେ ଅଧାପକଙ୍କ ଦ୍ୱାରା ଗୋଟିଏ ବକ୍ତବ୍ୟ, ସ୍ୱଚ୍ଛତା ଅଭିଯାନ, ସ୍ୱାସ୍ଥ୍ୟମେଳା, ରକ୍ତଦାନ ଶିବିର, ଅନ୍ତତଃ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ଓ ପୋଷ୍ଟର ଲିଖନ ଭଳି ଗୋଟିଏ ପ୍ରତିଯୋଗିତା ଆୟୋଜିତ ହେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରୋଗ୍ରାମ ଅଫିସର ସିଦ୍ଧାନନ୍ଦ ପ୍ରଧାନ, ରାଜଲକ୍ଷ୍ମୀ ଭୋଳ, କନକଲତା ମହାପାତ୍ର ଉପସ୍ଥିତ ଥିଲେ।

### ପଟ୍ଟାଙ୍ଗିରେ ଆମ ପୋଲିସ ସମିତି ବୈଠକ

ପଟ୍ଟାଙ୍ଗି,୧୯(ଡି.ଏନ୍.ଏ.): ପଟ୍ଟାଙ୍ଗି ଥାନାରେ ଏସ୍ଆଇ ଗୋକୁଳାନନ୍ଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଆମ ପୋଲିସ ସମିତି ବୈଠକ ବସିଛି। ଏଥିରେ ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା ପୋଲିସ ଓ ଜନସାଧାରଣ ମଧ୍ୟରେ ସୁ ସମ୍ପର୍କ ଏବଂ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରିବା, କୁନ୍ଦୁଲି ଓ ରାଲେଗଡ଼ା ସାପ୍ତାହିକ ହାଟ ରାସ୍ତାରେ ଟ୍ରାଫିକ ସମସ୍ୟା, ଚୋରି ବଢୁଥିବା, କୁନ୍ଦୁଲି ହାଟରେ ଫାଣ୍ଡି ସ୍ଥାପନ ପାଇଁ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ନୃସିଂହନାଥ ବେହେରା ଦୃଷ୍ଟି ଆକର୍ଷଣ କରିଥିଲେ। ଶିଶାଗୁଡା ରାସ୍ତାରେ ରୋଡ ରୋମିଓମାନେ ସ୍କୁଲଛାତ୍ରୀଙ୍କୁ କମେଣ୍ଟ କରିବା ବେପରୁଆ ଗାଡ଼ି ଚଳାଉଥିବା ଅଭିଯୋଗ ହୋଇଥିଲା। ବୈଠକରେ ଉପସ୍ଥିତ ଜନତା ୯ଟି ସମସ୍ୟା ଉଠାଇଥିଲେ। ଏସ୍‌ଡିପିଓ ବେହେରା ଟ୍ରାଫିକ ସମସ୍ୟା ଓ ରୋଡ ରୋମିଓଙ୍କୁ ସାବାଡ଼ କରିବା ପାଇଁ ଏସ୍ଆଇ ପଟ୍ଟନାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପଟ୍ଟାଙ୍ଗି ମାଓବାଦୀ ଅଧୁଷିତ ଥାନାଞ୍ଚଳ ହୋଇଥିବାରୁ ରାତି ପାଟ୍ରୋଲିଂରେ ସମସ୍ୟା ରହିଛି। ଯଦି କୌଣସି ଅଘଟଣ ବା ଚୋରି ହେଉଛି, ତୁରନ୍ତ ପୋଲିସକୁ ଖବର ଦେବା ପାଇଁ ସେ କହିଥିଲେ।

### ଜିମ୍ନାସିୟମ ମରାମତି ନିର୍ଦ୍ଦେଶ ଦେଲେ ଜିଲାପାଳ

କୋରାପୁଟ,୧୯(ସ୍ୱ.ପ୍ର.): କୋରାପୁଟ ମ୍ୟୁନିସପାଲିଟି ଜିମ୍ନାସିୟମର ମରାମତି ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଶନିବାର ଜିଲାପାଳ ମଧୁସୂଦନ ମିଶ୍ର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦ ଲକ୍ଷ ଟଙ୍କା ଭିତରେ ମରାମତି କରାଯିବା ସହ ଏଥିପାଇଁ ଏକ ଆକଳନ ରିପୋର୍ଟ ପ୍ରସ୍ତୁତ କରିବାକୁ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରମେଶ ମହାରଣା ଓ ସହକାରୀ ଯନ୍ତ୍ରୀ ମନୋଜ ପାତ୍ରଙ୍କୁ ସେ ନିର୍ଦ୍ଦେଶ କରିଛନ୍ତି। ତେବେ ଏହି ଜିମ୍ନାସିୟମର ପରିଚାଳନା ପାଇଁ ଏକ ଦୀର୍ଘସୂତ୍ରୀ ବ୍ୟବସ୍ଥା କରିବା ପାଇଁ ଏହାର ସମ୍ପାଦକ ଭବାନି ଶଙ୍କର ମିଶ୍ରଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ଏପ୍ରିଲ ୨୯ରେ କାଳବୈଶାଖୀ ତାଣ୍ଡବରେ ଏହି ଜିମ୍ନାସିୟମର ସମସ୍ତ ଟିଣ ଉଡ଼ିଯିବା ସହ ବହୁ ସାମଗ୍ରୀ ନଷ୍ଟ ହୋଇଥିଲା। ସେବେଠାରୁ ଦୈନିକ ଏଠାକୁ ଆସୁଥିବା ଶତାଧିକ ପିଲା ଖୋଲା ଆକାଶ ତଳେ ବ୍ୟାୟାମ କରୁଥିଲେ।

### ଆମ ପୋଲିସ ସମିତି ବୈଠକ

ବନ୍ଧୁଗାଁ,୧୯(ଡି.ଏନ୍.ଏ.): ବନ୍ଧୁଗାଁ ଥାନାରେ ଆଇଆଇସି ତପନ ନାହାକଙ୍କ ଅଧକ୍ଷତାରେ ଆମ ପୋଲିସ ସମିତି ବୈଠକରେ ଯୋଗ ଦେଇଛନ୍ତି ଲକ୍ଷ୍ମୀପୁର ଏସ୍‌ଡିପିଓ ଅଶ୍ୱିନୀ ନାୟକ। ବନ୍ଧୁଗାଁ ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ୩୦ରୁ ୪୦ ଜଣ ବୁଦ୍ଧିଜୀବୀ ଅଞ୍ଚଳରେ ମଦ ଓ ଗୁଡ଼ ବିକ୍ରି ବନ୍ଦ, ଦାଦନ ଓ ଶିଶୁ ଶ୍ରମିକ, ସ୍କୁଲରେ ଶିକ୍ଷକମାନେ ମଦପିଇ ପାଠ ପଢ଼ାଇବା, ହାଟରେ କମାଣ୍ଡର ଓ ଅଟୋରେ ବହୁ ଲୋକ ନେବା, ବାଇକ ଚାଳକଙ୍କ ପାଖରେ ଡ୍ରାଇଭିଂ ଲାଇସେନ୍ସ ନ ଥିବା ଓ ହେଲମେଟ୍ ପିନ୍ଧୁ ନ ଥିବା ବିଷୟ ଉପସ୍ଥାପନ କରିଥିଲେ। ଚାଷୀ ମୂଲିଆ ଆଦିବାସୀ ସଂଘ କୋରାପୁଟ ଜିଲା ସଭାନେତ୍ରୀ କଣ୍ଡାଗୋରି ପାଇଡାମା ଆଲମଣ୍ଡା ଓ ବନ୍ଧୁଗାଁ ବ୍ଲକରେ ଗୁଡ଼ ଓ ମଦ ବିକ୍ରି ବନ୍ଦ ପାଇଁ ଅନୁମତି ଦେଲେ ସେମାନେ ହାଣ୍ଡି ଭାଙ୍ଗି ମଦ ବନ୍ଦ କରିବେ ବୋଲି ଜଣାଇଥିଲେ। ବୈଠକରେ ବନ୍ଧୁଗାଁର ମୁକୁନ୍ଦ ବେହେରା, ଅଭିମନ୍ୟୁ ଭାଣ୍ଡି, ଦୁର୍ଯ୍ୟ ନାଗ, ଶଶୀ, ଡି. ଏକାଟି, ଦେବରପଲୀ ରବି, ଶରତ ପାତ୍ର ଓ ଜିପି(ଆଇ) ଗୌରାଙ୍ଗ ପାତ୍ର ଉପସ୍ଥିତ ଥିଲେ।

# ଚାକିରି କରାଇଦେବାକୁ କହି ଠକେଇ

■ ଲକ୍ଷାଧିକ ଟଙ୍କା ଠକିନେଇଛନ୍ତି ମହାନ୍ତି ବାବୁ
■ ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୨ ଯୁବକ

ଜୟପୁର,୧୯(ନି.ପ୍ର.)

ସରକାରୀ କାର୍ଯ୍ୟାଳୟରେ ଚାକିରି କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ ହୋଇଛି। ଜଣେ କି ଦୁଇଜଣ ନୁହେଁ, ଚାକିରି ପାଇବା ଆଶାରେ ଠକାମିର ଶୀକାର ହୋଇଛନ୍ତି କୋରାପୁଟ ଜିଲାର ଅନେକ ଶିକ୍ଷିତ ଯୁବତୀ ଯୁବକ। ଟଙ୍କା ଦେଇ ମଧ୍ୟ ଚାକିରି ନ ପାଇବା ପରେ ସେମାନେ ଜୟପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

କୋରାପୁଟର ଏକ ସ୍କୁଲରେ କାର୍ଯ୍ୟରତ ମହାନ୍ତି ସାଙ୍ଗିଆଧାରୀ ଜଣେ କର୍ମଚାରୀ ଏଭଳି ର‌୍ୟାକେଟ୍ ଚଳାଉଛନ୍ତି। ଜୟପୁର ଉପଜିଲାପାଳ ଓ ତହସିଲ ଅଫିସରେ ଚାକିରି କରାଇଦେବା କହି ନେଉଛନ୍ତି ଲକ୍ଷାଧିକ ଟଙ୍କା। ଏଭଳି ଠକେଇର ଜାଲରେ ଫସିଛନ୍ତି ଲମତାପୁଟ ଅଞ୍ଚଳର ଯୁବକ। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପିଅନ ଚାକିରି ଆଶାରେ ଲକ୍ଷ୍ମଣ ବଡ଼ନାୟକ ନାମକ ଜଣେ ଯୁବକ ୧ ଲକ୍ଷ ୧୫ ହଜାର ଟଙ୍କା ଦଲାଲକୁ ଦେଇଥିବା ବେଳେ ରଘୁରାମ ଦୋରା ନାମକ ଅନ୍ୟ ଜଣେ ଯୁବକ ୬୪ ହଜାର ଟଙ୍କା ଦେଇ ଠକାମିର ଶୀକାର ହୋଇଛନ୍ତି। କେବଳ ଏହି ୨ ଜଣ ନୁହେଁ, ଜିଲାର ଅନେକ ବେକାର ଯୁବତୀ ଯୁବକ ଏପରି ଠକେଇର ଶିକାର ହୋଇଥିଲେ ମଧ୍ୟ ଭୟରେ ସାମ୍ନାକୁ ଆସିପାରୁ ନାହାନ୍ତି। ଉକ୍ତ ମହାନ୍ତି ବାବୁ ଜିଲା ନିୟୋଜନ କାର୍ଯ୍ୟାଳୟକୁ ଆସୁଥିବା ନିରୀହ ଗରିବ ବେକାର ଯୁବତୀ ଯୁବକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଜାଲରେ ଫସାଉଛନ୍ତି। ଯେଉଁ ସରକାରୀ କାର୍ଯ୍ୟାଳୟରେ ଚାକିରି ଦେବାକୁ କହୁଛନ୍ତି, ବିଶ୍ୱାସ ଜନ୍ମାଇବା ପାଇଁ ସେହି କାର୍ଯ୍ୟାଳୟଠାରେ ହିଁ ଯୁବତୀ ଯୁବକଙ୍କଠାରୁ ଟଙ୍କା ନେଉଛନ୍ତି। ଏହି ଦୃଶ୍ୟ କଏଦ ଥିବା ଏକ ଷ୍ଟିଙ୍ଗ ଭିଡିଓ ମଧ୍ୟ ମିଳିଛି। ଠକେଇର ଶିକାର ହୋଇଥିବା ଲକ୍ଷ୍ମଣ ଓ ରଘୁରାମ ଚାକିରି ନ ପାଇ ନିରାଶ ହେବା ପରେ ଏବେ ଜୟପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେପଟେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପାଖରେ ଏପରି ଘଟିଥିଲେ ମଧ୍ୟ କାହାକୁ ଏ ବାବଦରେ ଟେର୍ ମିଳିନାହିଁ। ଠକାମିର ଶିକାର ହୋଇଥିବା ବ୍ୟକ୍ତିମାନେ ଲିଖିତ ଅଭିଯୋଗ କଲେ ଏ ସମ୍ପର୍କରେ କୋରାପୁଟ ଏସ୍‌ପି ଓ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ୫ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କଲେ ବିଧାୟକ

ଜୟପୁର,୧୯(ନି.ପ୍ର.):

ଜୟପୁର ପୌରାଞ୍ଚଳରେ ୫ଟି କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ପୌରାଞ୍ଚଳର କଣ୍ଡ୍ରାସାହି କଲ୍ୟାଣ ମଣ୍ଡପ, ଇରିଗେସନ କଲୋନିସ୍ଥିତ ଶିବ ମନ୍ଦିର କଲ୍ୟାଣ ମଣ୍ଡପ, ପୁରୁଣାଗଡ଼ କଲ୍ୟାଣ ମଣ୍ଡପ, ଦୁର୍ଗା ବିନୋଦ ସଂଘ କଲ୍ୟାଣ ମଣ୍ଡପ, ଲାଗାର୍ଜି ସାହି କଲ୍ୟାଣ ମଣ୍ଡପକୁ ଉଦ୍‌ଘାଟନ କରିଛନ୍ତି । ବିଧାୟକଙ୍କ ପାଣ୍ଠିରୁ ଏହି କଲ୍ୟାଣ ମଣ୍ଡପ ସବୁ ନିର୍ମିତ ହୋଇଥିବା ବେଳେ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଆଇଟିଡିଏ ପିଏ ଗୋପୀନାଥ ସାରକାଙ୍କ ସହ ସ୍ଥାନୀୟ ସାହିବାସିନ୍ଦା ଉପସ୍ଥିତ ଥିଲେ।

■ ନୂଆ ମୋଟର ଯାନ ଆଇନ ଲାଗୁହେବା ପରେ ଧରପଗଡ଼

# ପ୍ରଥମ ଦିନରେ ରୁଜୁହେଲା ୧୯ ମାମଲା



ସେମିଳିଗୁଡ଼ା-ନନ୍ଦପୁର ରାସ୍ତାରେ ପୋଲିସ ଯାନବାହନ ଯାଞ୍ଚ କରୁଛି।

କୋରାପୁଟ,୧୯(ସ୍ୱ.ପ୍ର.)

ସେପ୍ଟେମ୍ବର ପହିଲାରୁ ରାଜ୍ୟରେ ନୂଆ ମୋଟର ଯାନ ଆଇନ-୨୦୧୯ ଲାଗୁ ହେବା ପରେ କୋରାପୁଟ ଜିଲା ପୋଲିସ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଗାଡ଼ି ମୋଟର ଯାଞ୍ଚକୁ ରବିବାରଠାରୁ କଡ଼ାକଡ଼ି କରାଯାଇଛି । ଏହି କ୍ରମରେ ସେମିଳିଗୁଡ଼ା ପୋଲିସ ରବିବାର ମଧ୍ୟାହ୍ନରେ ଥାନାର ସବ୍ ଇନ୍ସପେକ୍ଟର ଅନିତା ନାୟକଙ୍କ ନେତୃତ୍ୱରେ ସେମିଳିଗୁଡ଼ା-ନନ୍ଦପୁର ରାସ୍ତାର ରାଜପୁଟ ଛକ ନିକଟରେ ବେଆଇନ ଭାବେ ଯାତାୟତ କରୁଥିବା ବାଇକ, ଜିପ୍, ବୋଲେରୋ, କାର୍‌ଗୁଡିକୁ ଯାଞ୍ଚ କରାଯାଇ ସେମାନଙ୍କଠାରୁ ଜରିମାଦା ଆଦାୟ କରାଯାଇଥିଲା । ଏହି ଅବସରରେ ଗାଡ଼ି ଚାଳକ ହେଲମେଟ୍ ପିନ୍ଧିଛନ୍ତି କି ନା, ଡ୍ରାଇଭିଂ ଲାଇସେନ୍ସ ଓ ଇନ୍ସୁରାନ୍ସ, ଗାଡ଼ି କାଗଜପତ୍ର ଅଛି କି ନା, ସେଗୁଡ଼ିକୁ ପୋଲିସ ଯାଞ୍ଚ କରିଥିଲା। ବେଆଇନ ଭାବେ ଚଳାଚଳ କରୁଥିବା ଗାଡ଼ି ବାବଦରେ ପ୍ରଥମ ଦିନରେ ୧୯ଟି ମାମଲା ରୁଜୁ କରାଯାଇ ଜରିମାନା କ୍ରମରେ ସେମାନଙ୍କଠାରୁ ୫ ହଜାର ଟଙ୍କା ଆଦାୟ କରାଯାଇଥିଲା। ଏହାସହ ପୋଲିସ ଗାଡ଼ି ଚାଳକମାନଙ୍କୁ ନୂତନ ମୋଟର ଯାନ ଆଇନ-୨୦୧୯ରେ ଥିବା ଗାଇଡଲାଇନ ଉପରେ ସଚେତନ କରିଥିଲା। ଏଥିରେ ସେମିଳିଗୁଡ଼ା ଥାନା ଏଏସ୍ଆଇ ବି.ସି.ଏଚ୍. ପଟ୍ଟନାୟକଙ୍କ ସମେତ ଥାନାର ବହୁ କନଷ୍ଟେବଲ ସାମିଲ ଥିଲେ ।

## ଘାଟିରେ ଅତଡ଼ା ଖସି ଏନ୍ଏଚ୍ ଅବରୋଧ
## ଫସିରହିଲା ଶତାଧିକ ଗାଡ଼ି

ପଟ୍ଟାଙ୍ଗି,୧୯(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ ସୁଙ୍କି ପଞ୍ଚାୟତ ନିକଟସ୍ଥ ରୋଡ଼ାବାଲସା ଘାଟିରେ ରବିବାର ମାଟି ଅତଡ଼ା ଖସି ୨୬ ନଂ ଜାତୀୟ ରାଜପଥ ଅବରୋଧ ହୋଇଛି। ଏଥିରେ ଉଭୟ ଆନ୍ଧ୍ର ଓ ଓଡ଼ିଶା ରାସ୍ତାରେ ଅଟକି ରହିଥିଲା ଶତାଧିକ ଗାଡ଼ି। ପଟ୍ଟାଙ୍ଗି ବ୍ଲକ ସମେତ ବିଭିନ୍ନ ସ୍ଥାନରେ ଅପରାହ୍ନ ଗୋଟାଏ ସମୟରୁ ବର୍ଷା ଲାଗି ରହିଥିବା ବେଳେ ଘାଟିରାସ୍ତା ପାର୍ଶରେ ରହିଥିବା ପାହାଡ଼ରୁ ମାଟି ଅତଡା ଖସି ରାଜପଥ ଉପରେ ଜମି ରହିଥିଲା। ଫଳରେ ଅପରାହ୍ନ ୪ଟା ପରଠାରୁ ସମସ୍ତ ଗାଡ଼ି ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା। ଖବର ପାଇ ସୁଙ୍କି ପଞ୍ଚାୟତର କେତେକ ଯୁବଗୋଷ୍ଠୀ ଘଟଣାସ୍ଥଳରେ ପହଞ୍ଚି ଫସିଥିବା ଯାତ୍ରୀଙ୍କ ମଧ୍ୟରୁ କେତେଜଣଙ୍କ ସହାୟତାରେ ଉକ୍ତ ଘାଟିରାସ୍ତାରୁ ମାଟି ଅତଡ଼ା ଉଠାଇଥିଲେ। ସନ୍ଧ୍ୟା ୭ଟା ୩୦ରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ସମ୍ବର୍ଦ୍ଧିତ ହେଲେ କୃତୀ ପ୍ରତିଭା

ଦାମନଯୋଡ଼ି,୧୯(ଡି.ଏନ୍.ଏ.)

ଉତ୍କଳ ସାମ୍ବାଦିକ ସଂଘ କୋରାପୁଟ ଜିଲା ଶାଖା ପକ୍ଷରୁ ଶନିବାର ସେମିଳିଗୁଡ଼ାସ୍ଥିତ ଦକ୍ଷତା ବିକାଶ କେନ୍ଦ୍ରରେ ସ୍ଥାନୀୟ ଅଞ୍ଚଳର କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ରଘୁରାମ ପଡାଲ ମୁଖ୍ୟ ଅତିଥି ଓ ପଟ୍ଟାଙ୍ଗି ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ସମାଜରେ ଥିବା ଲୁକ୍କାୟିତ ପ୍ରତିଭାଙ୍କୁ ବିକଶିତ କରାଇବାରେ ସେମାନଙ୍କର ପ୍ରମୁଖ ଭୂମିକା ରହିଥିବା ଅତିଥିମାନେ କହିଥିଲେ। ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସନ୍ତୋଷ ଖେମୁଣ୍ଡୁ, ହରେକୃଷ୍ଣ ମାଝି, ଏ. ରମଣ କୁମାର, ଗୌରୀ କିର୍ସାନି, ସୁଦେବୀ ମୁଦୁଲି, ପ୍ରଗତିକା ରାୟ, ରାଜେଶ୍ୱରୀ ମୁଦୁଲି, ଦିପିକା ଖଜୁରୀପୁଟିଆ ଏବଂ ଝିମ୍ପିଗୁଡାର ଡି. ସ୍ୱୋୟାର ନାଟ୍ୟଦଳଙ୍କୁ ସିଲ୍ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସଂଘ ସଭାପତି ନରସିଂହ ବ୍ରହ୍ମା, କାର୍ଯ୍ୟକାରୀ ସଭାପତି ନିରୋଜ ଶତପଥି, ସାଧାରଣ ସମ୍ପାଦକ ମାନସ ରଞ୍ଜନ କର, କୋଷାଧକ୍ଷ ସୁଦର୍ଶନ ସେନାପତି ଉପସ୍ଥିତ ଥିଲେ। ଉପସଭାପତି ଚୈତନ୍ୟ ହନ୍ତାଳ ମଞ୍ଚ ସଂଯୋଜନା ଓ କାର୍ଯ୍ୟକାରୀ ସମ୍ପାଦକ ସୁନାମ ହନ୍ତାଳ ଧନ୍ୟବାଦ ଦେଇଥିଲେ।



ଜଣେ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଏନ୍ଏଚ୍ ପୁନର୍ନିର୍ମାଣରେ ପିସି କାରବାର

■କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଜଣାଇବେ ସାମାଜିକ କର୍ମୀ

ଜୟପୁର,୧୯(ନି.ପ୍ର.)

ଜୟପୁର ଦେଇ ଯାଇଥିବା ୨୬ ନଂ ଜାତୀୟ ରାଜପଥର ପୁନର୍ନିର୍ମାଣ କାର୍ଯ୍ୟରେ ପିସି କାରବାର ହୋଇଥିବା ଅଭିଯୋଗ କରିଛନ୍ତି ସାମାଜିକ କର୍ମୀ ବସନ୍ତ ପାତ୍ର। ଏନେଇ ସେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବେ ବୋଲି ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଫେବୃୟାରୀରେ ନୂଆଦିଲ୍ଲୀସ୍ଥିତ ଜାତୀୟ ରାଜପଥ ପ୍ରାଧିକରଣରୁ ଦିଆଯାଇଥିବା ଚିଠିରେ ରାଜପଥର ଉନ୍ନତି ପାଇଁ ୧୦୦ କୋଟି ଟଙ୍କା ଦିଆଯାଇଥିବା କୁହାଯାଇଛି। ସେଥିରୁ ୫ କୋଟି ଆପାତ୍‌କାଳୀନ ପାଣ୍ଠି ଭାବେ ରଖାଯିବା ପରେ ଅବଶିଷ୍ଟ ୯୫ କୋଟି କାର୍ଯ୍ୟରେ ବିନିଯୋଗ ହେବା କଥା। କିନ୍ତୁ ଏହା ନ କରି ୨୬ ନଂ ଜାତୀୟ ରାଜପଥ ପାଇଁ ୮୦ କୋଟି ଟଙ୍କାର ଟେଣ୍ଡର କରିଛି। ଅବଶିଷ୍ଟ ୧୫ କୋଟି ଟଙ୍କା କେଉଁଠି ଖର୍ଚ୍ଚ ହେବ, ସେନେଇ ବିଭାଗ ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ଦେଉ ନଥିବା ବସନ୍ତ ପାତ୍ର କହିଛନ୍ତି। ସେପ୍ଟେମ୍ବର ୧୫ରେ କେନ୍ଦ୍ର ସଡ଼କ ଏବଂ ରାଜମାର୍ଗ ମନ୍ତ୍ରୀ ନିତୀନ ଗଡ଼କରୀଙ୍କଠାରୁ ସମୟ ମିଳିଥିବା ବେଳେ ସେ ତାଙ୍କୁ ଏ ସମ୍ପର୍କରେ ଜଣାଇବେ।

## ଜୁଆ ଆଡ୍ଡାରେ ଚଢ଼ାଉ, ୧୦ ଗିରଫ

ଜୟପୁର,୧୯(ନି.ପ୍ର.)

ଜୟପୁର ଟାଉନ ପୋଲିସ ଶନିବାର ବିଳମ୍ବିତ ରାତିରେ ଜୁଆଖେଳରେ ଚଢ଼ାଉ କରିଛି । ସହରର କୁନ୍ଦାରିଗୁଡ଼ା ବିଦ୍ୟାଳୟ ନିକଟରେ ଖେଳ ଚାଲୁଥିବା ବେଳେ ପୋଲିସ ଖବର ପାଇ ଏହି ଚଢ଼ାଉ କରିଥିଲା। ଏଥିରେ ୧୦ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଥିବା ବେଳେ ୩୦ ହଜାର ୩୨୦ ଟଙ୍କା, ୫ଟି ମୋବାଇଲ ଜବତ କରିଛି ପୋଲିସ। ଗିରଫ ୧୦ ଜଣଙ୍କୁ ଥାନାକୁ ଆଣାଯାଇ ୪୧ ସିଆରପିସିରେ ଛଡ଼ାଯାଇଥିବା ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି ପ୍ରକାଶ କରିଛନ୍ତି।

# ସ୍ଥାୟୀ ବେଞ୍ଚ ପାଇଁ ନୂଆ କମିଟିକୁ ଦିଆଯିବ ଦାବିପତ୍ର

ଜୟପୁର,୧୯(ନି.ପ୍ର.)

ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ପୁଣି ଏକ ନୂଆ କମିଟି ଗଠନ କରିଛନ୍ତି ରାଜ୍ୟ ସରକାର। ଏହି କମିଟିକୁ ଭେଟି ଦାବିପତ୍ର ଦେବ ଅବିଭକ୍ତ କୋରାପୁଟ ଜିଲାକୁ ନେଇ ଗଠିତ କ୍ରିୟାନୁଷ୍ଠାନ କମିଟି। ରାଜ୍ୟ ସରକାର ଅବିଭକ୍ତ କୋରାପୁଟ ଜିଲାକୁ ଉପେକ୍ଷା କରୁଥିବା ଓ ଏଠାରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରିଛନ୍ତି କମିଟିର ଆବାହକ ରବୀନ୍ଦ୍ର ପାତ୍ର। ଗତ ମାର୍ଚ୍ଚରେ ଗଠିତ ହୋଇଥିବା କମିଟିର ଏବେ ପୁନର୍ଗଠନ କରିଛନ୍ତି ରାଜ୍ୟ ସରକାର। ଉନ୍ନୟନ କମିଶନର ସୁରେଶ ମହାପାତ୍ରଙ୍କ ଅଧକ୍ଷତାରେ ଗୃହ, ଅର୍ଥ, ଆଇନ ଓ ରାଜସ୍ୱ ବିଭାଗ ପ୍ରମୁଖ ସଚିବ ଏବଂ ରାଜ୍ୟ ସରକାରଙ୍କ ପାଇଁ ହାଇକୋର୍ଟ ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ସଚିବଙ୍କୁ ଏହି କମିଟିରେ ରଖାଯାଇଛି। କିନ୍ତୁ ଏଥିରେ ବେଞ୍ଚ ଦାବି କରୁଥିବା ଅଞ୍ଚଳବାସୀ, ଏହି ଆନ୍ଦୋଳନକୁ ତ୍ୱରାନ୍ୱିତ କରୁଥିବା ଆଇନଜୀବୀ ସଂଘରୁ କାହାକୁ ସାମିଲ କରାଯାଇ ନଥିବାରୁ ତାହା କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ଓକିଲଙ୍କ ସହ ଆଲୋଚନା, ସ୍ଥାନ ନିରୂପଣ ଓ ପାଲ କମିଶନଙ୍କ ରିପୋର୍ଟ ଉପରେ କମିଟି ତର୍ଜମା କରିବ ବୋଲି ଚର୍ଚ୍ଚା ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଅବିଭକ୍ତ କୋରାପୁଟରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ଓକିଲମାନେ ଚଳାଇଥିବା ଧର୍ମଘଟ ଯୋଗୁ ଗତ ଡିସେମ୍ବର ୪ରୁ ଏଯାବତ୍ ଅଦାଲତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି।

# କେଜିବିଭି ହଷ୍ଟେଲରେ ଅବ୍ୟବସ୍ଥା ଦେଖିଲେ ବିଡିଓ, ତହସିଲଦାର

ପଟ୍ଟାଙ୍ଗି,୧୯(ଡି.ଏନ୍.ଏ.): ପଟ୍ଟାଙ୍ଗି ବ୍ଲକ ପୋଡ଼ାପଦର ଗ୍ରାମରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟକୁ ରବିବାର ବିଡିଓ କରୁଣାକର ପ୍ରଧାନ ଓ ତହସିଲଦାର ଡ. ଅରୁଣ ଖଣ୍ଡା ଅଚାନକ ଗସ୍ତକରି ପାଠପଢ଼ା, ହଷ୍ଟେଲ ଓ ଖାଦ୍ୟ ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ହଷ୍ଟେଲରେ ବିଭିନ୍ନ ଅବ୍ୟବସ୍ଥା ତାଙ୍କ ଦୃଷ୍ଟିକୁ ଆସିଛି। ସକାଳେ ଟ୍ୟୁସନ ହେଉଥିବା ବେଳେ ସନ୍ଧ୍ୟାରେ ହେଉନାହିଁ। ସେମାନେ ନିଜେ ବସି ପାଠ ପଢୁଛନ୍ତି ବୋଲି ଛାତ୍ରୀମାନେ କହିଥିଲେ। ପାନୀୟ ଜଳର ସମସ୍ୟା ଥିବା ଯୋଗୁ ନାଳପାଣି ବ୍ୟବହାର କରୁଥିବା ଛାତ୍ରୀମାନେ କହିଥିଲେ। ପିଲାଙ୍କ ଦେହ ଖରାପ ହେଲେ ସ୍ୱାସ୍ଥ୍ୟକେନ୍ଦ୍ରକୁ ମହିଳା ପିଅନ ହିଁ ନେଉଥିବା ସେମାନେ ଜଣାଇଥିଲେ। ବିଦ୍ୟୁତ ସମସ୍ୟା ବି ରହିଛି। ପ୍ରଧାନ ଶିକ୍ଷୟିତ୍ରୀ ବା ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ବ୍ଲକ ପ୍ରଶାସନକୁ କାହିଁକିଏ ସମସ୍ୟା ବାବଦରେ ଜଣାଇନାହାନ୍ତି ବୋଲି ଦୁଇ ଅଧିକାରୀ ବିରକ୍ତ ହୋଇଥିଲେ।

# ଅବସରପ୍ରାପ୍ତ ଏନ୍ଏସି କର୍ମଚାରୀଙ୍କୁ ମିଳୁନି ବକେୟା

■ନଗର ଉନ୍ନୟନ ଯୁଗ୍ମ ସଚିବଙ୍କୁ ଅଭିଯୋଗ

ଚାନ୍ଦିଲି (କୋଟପାଡ଼), ୧୯(ଡି.ଏନ୍.ଏ.)

କୋଟପାଡ଼ ଏନ୍ଏସିର ଅବସରପ୍ରାପ୍ତ କର୍ମଚାରୀ ବିଭିନ୍ନ ବକେୟା ନ ପାଇ ଆର୍ଥିକ ସମସ୍ୟା ଭିତରେ ଗତି କରୁଛନ୍ତି। ଦୀର୍ଘ ଦିନ ହେଲା ସେମାନେ ଅବସର ନେଇଥିଲେ ମଧ୍ୟ ସରକାରମଞ୍ଜୁର କରିଥିବା ବର୍ଦ୍ଧିତ ହାରର ବକେୟା ସେମାନେ ପାଇନାହାନ୍ତି। ପ୍ରତ୍ୟେକ ମାସରେ ଠିକ୍ ସମୟରେ ପେନସନ ମିଳୁ ନଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ସ୍ୱଳ୍ପ ପେନସନକୁ ଦରଦାମ୍ ବୃଦ୍ଧି ଯୋଗୁ ଆର୍ଥିକ ଅନାଟନରେ ଗତି କରୁଥିବା ପ୍ରକାଶ କରିଛନ୍ତି ପେନସନଧାରୀ। ରାଜ୍ୟ ସରକାରଙ୍କ ଆଦେଶ ପ୍ରକାରେ ଏସିପି ଏବଂ ଆର୍‌ଏସିପି ପ୍ରାପ୍ୟ ପ୍ରଦାନ, ପଞ୍ଚମ ବେତନ କମିଶନ ହାରରେ ବକେୟା, ସପ୍ତମ ବେତନ କମିଶନ ହାରରେ ପେନସନ ଓ ବକେୟା ଏବଂ ପ୍ରତ୍ୟେକ ସମୟର ମହଙ୍ଗା ଭତ୍ତା ଯାଞ୍ଚକରି ବକେୟା ତୁରନ୍ତ ଦେବା ପାଇଁ କୋଟପାଡ଼ ଗସ୍ତରେ ଥିବା ନଗର ଉନ୍ନୟନ ଯୁଗ୍ମ ସଚିବ ଦୁର୍ଗାପ୍ରସାଦ ମହାପାତ୍ରଙ୍କୁ ଭେଟି ଦାବି ଜଣାଇଛନ୍ତି ଅବସରପ୍ରାପ୍ତ କର୍ମଚାରୀ। ଅଭିଯୋଗକୁ ହୃଦୟଙ୍ଗମ କରି ତୁରନ୍ତ ପଦକ୍ଷେପ ନେବେ ବୋଲି ଯୁଗ୍ମ ସଚିବ ମହାପାତ୍ର ପ୍ରତିଶ୍ରୁତି ଦେଇଥିବା ବେଳେ ଏନ୍ଏସି ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଦେବେ ବୋଲି କହିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ନିରଞ୍ଜନ ସାହୁ, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ନୀନ ମନ୍ଦାର, ତ୍ରିନାଥ ପତି, ରଘୁନାଥ ସାହୁ, ମହାଦେବ ଗୌଡ଼, ଗୋକୁଳ ମହାପାତ୍ର ଉପସ୍ଥିତ ଥିଲେ ।

# ଖ୍ରୀଷ୍ଟିଆନ ସାହିକୁ ନିଶାମୁକ୍ତ କରିବା ପରିକଳ୍ପନା

ଜୟପୁର,୧୯(ଡି.ଏନ୍.ଏ.)

ଦେଶୀ ଓ ବିଦେଶୀ ଅପମିଶ୍ରିତ ମଦ, ଗଞ୍ଜେଇ ଏବଂ ଅନ୍ୟ ମାଦକ ଦ୍ରବ୍ୟ ବ୍ୟବହାର କରାଯିବା ସହ ଏହା ଅଭ୍ୟାସରେ ପଡ଼ିବା ଯୋଗୁ ବହୁ ପରିବାର ଛାରଖାର ହୋଇଯାଉଛି। ଏହିପରି ମାଦକଦ୍ରବ୍ୟ କବଳରେ ଯୁବପିଢ଼ି ଅଧିକ ସଂଖ୍ୟାରେ ପଡୁଛନ୍ତି। ଫଳରେ କମ୍ ବୟସରେ ଯୁବକମାନଙ୍କ ମୃତ୍ୟୁ ଯୋଗୁ ସେମାନଙ୍କ ସ୍ତ୍ରୀ ଅସହାୟ ପାଲଟିଯାଉଥିବା ବେଳେ ପିଲାଛୁଆ ବାପଛେଉଣ୍ଡ ହେଉଛନ୍ତି। ବହୁ ଲୋକ ଭେଣ୍ଡା ବୟସର ପୁଅକୁ ହରାଉଛନ୍ତି। ତେଣୁ ନିଜ ଅଞ୍ଚଳକୁ ନିଶାମୁକ୍ତ ଭାବେ ଗଢ଼ି ତୋଳିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ଖ୍ରୀଷ୍ଟିଆନ ସାହିର ବାସିନ୍ଦା। ମହିଳା, ପୁରୁଷ ଓ ବୁଦ୍ଧିଜୀବୀମାନେ ମିଶି ସାହିରେ ନିଶାମୁକ୍ତ କମିଟି ଗଠନ କରିଛନ୍ତି। ଏହି କମିଟି ଦ୍ୱାରା ସାହି ଓ ବସ୍ତିରେ ଲୋକଙ୍କୁ ନିଶାଦ୍ରବ୍ୟଠାରୁ ଦୂରରେ ରଖିବା ପାଇଁ ସଚେତନତା ସୃଷ୍ଟି କରାଯାଉଛି। କିନ୍ତୁ ସ୍ଥାନୀୟ ଅଞ୍ଚଳରେ କିଛି ବେଆଇନ ଗୃହ ଓ ଦୋକାନରେ ମଦ ବିକ୍ରି ହେଉଛି । ଏହା ଉପରେ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କମିଟି ପକ୍ଷରୁ ଦାବି କରାଯାଇଛି । ଜିଲାପାଳ, ଏସ୍‌ପି, ଅବକାରୀ ଅଧୀକ୍ଷକ, ଟାଉନଥାନା ଅଧିକାରୀଙ୍କୁ ଏନେଇ ଏକ ସ୍ମାରକପତ୍ର ଦିଆଯାଇଛି। ଏହି ସ୍ମାରକପତ୍ର ପ୍ରଦାନ ବେଳେ କମିଟିର ଉଜ୍ଜୟିନ ନାୟକ, ଲିଭିଙ୍ଗଷ୍ଟୋନ ଖୋସ୍ଲା, କାଉନସିଲର ପ୍ରଫୁଲ୍ଲ ଭତ୍ରା, ମଳୟ ଛିଞ୍ଚାଣି, ନିରୂପ ଫିଲପ୍ସ, ସୁଜାତା ଆଶା, ସବନମ ଟାକ୍ରି, ନଳିନୀ ବାଘ, ଫୁଲମା ଭତ୍ରା, ଝୁନି ସୁରଭି ମହାନ୍ତି, ସଞ୍ଚିତା ମହାନ୍ତି, ଯଶବୀର ଡାନିୟଲ ପାଲ୍, ହିମାଂଶୁ ଚାନ୍ଦ, ଦୀପକ ପାତ୍ର, ପ୍ରଫୁଲ୍ଲ ନାୟକ ଉପସ୍ଥିତ ଥିଲେ।



ଜୟପୁର ଟାଉନ୍ ଥାନାଧିକାରୀଙ୍କୁ ଖ୍ରୀଷ୍ଟିଆନ ସାହିବାସିନ୍ଦା ସ୍ମାରକପତ୍ର ଦେଉଛନ୍ତି।

■ ଅଣ୍ଟା ଭିଡ଼ିଲେ ସ୍ଥାନୀୟ ବାସିନ୍ଦା
■ ଜିଲାପାଳ, ଏସ୍‌ପି, ଅବକାରୀ ଅଧୀକ୍ଷକ, ଟାଉନଥାନା ଅଧିକାରୀଙ୍କୁ ଦାବିପତ୍ର

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ସେପ୍ଟେମ୍ବର ୨/୨୦୧୯ Rayagada, Monday, September 2 / 2019

## ସଂକ୍ଷେପରେ



### ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ

**ପଦ୍ମପୁର, ୧।୯ (ଡି.ଏନ୍.ଏ.):** ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ପ୍ରଶାସନ ତରଫରୁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଣପୁର ଦ୍ୱିତୀୟ ଶ୍ରେଣୀ ଦୌରାଜଜ୍ ଦୀପ, ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଗସ୍ତି ପ୍ରଧାନ, ବ୍ଲକ ଅଧକ୍ଷ ରମାକାନ୍ତ ମାଝି, ଆଇନଜୀବୀ ରମେଶ ଲିମା, ବ୍ଲକ୍ ଏପିଓ ବିଶିକେଶନ ଲିମା, ବ୍ଲକ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ ଓ ସ୍ଥାନୀୟ ବିଜୁ ଯୁବବାହିନୀର କର୍ମକର୍ତ୍ତା ଯୋଗ ଦେଇଥିଲେ। ନାଇରା ସେବାଶ୍ରମ, ଗୁଡାରୀ ମଧୁବନ, ଗୁଡାରୀ ତହସିଲ ଅଫିସ୍, ଏମ୍.କେ. ରାଇ (ଗୁଡାରୀ), ଗୁଡିଆବନ୍ଧ ବସନ୍ତ ଦେବୀ ବିଦ୍ୟାପୀଠ, ଖମ୍ବାରିଗୁଡା, କେନ୍ଦୁଗୁଡା ବଡ଼ନାଳ ପ୍ରୋଜେକ୍ଟ, ପଦ୍ମପୁର ଆରୟାନ୍ ଇଂଲିଶ ମିଡିୟମ ସ୍କୁଲ,ପଦ୍ମପୁର ଅଭ୍ୟାସ ସ୍କୁଲ ଆଦି ସ୍ଥାନରେ ଔଷଧୀୟ ଚାରାରୋପଣ କରାଯାଇଥିଲା। ବିଶେଷକରି ବିଭିନ୍ନ ଛାତ୍ରାବାସ ଓ ହଷ୍ଟେଲଗୁଡିକରେ ଅମୃତଭଣ୍ଡା, ସଜନା ଆଦି ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୁଡିଆବନ୍ଧ ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରଶାନ୍ତ ଶତପଥୀ, ପଦ୍ମପୁର ଆରୟାନ୍ ସ୍କୁଲ ଅଧକ୍ଷା ସ୍ୱର୍ଣ୍ଣ ମଞ୍ଜୁରୀ ଦାଶଙ୍କ ସହ ବିଭିନ୍ନ ପଞ୍ଚାୟତର ଗ୍ରାମସେବକ, ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ ହୋଇଥିବା ବିଭାଗ ତରଫରୁ ସୂଚନା ଦିଆଯାଇଛି।

### ଅସହ୍ୟ ହେଲା କର୍ମଚାରୀଙ୍କ ନିର୍ଯାତନା
## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଶିକ୍ଷୟିତ୍ରୀ

**ରାୟଗଡ଼ା ଅଫିସ,୧।୯:** ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ନିର୍ଯାତନା ଓ ଦରମା ବନ୍ଦ ନେଇ ଜଣେ ଶିକ୍ଷୟିତ୍ରୀ ରବିବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥିସହ ମୋତେ ନ୍ୟାୟ ନ ମିଳିଲେ ଆତ୍ମହୁତି ଦେବାକୁ ଧମକ ଦେଇଛନ୍ତି। ଅନ୍ୟପକ୍ଷରେ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରମୋଦ କୁମାର ବେହେରା ଶିକ୍ଷୟିତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ରାୟଗଡ଼ା ଜିଲା ଦୁର୍ଗୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହାୟକ ଶିକ୍ଷୟିତ୍ରୀ ଭାବେ ସସ୍ମିତା କୁମାରୀ ସୁବୁଦ୍ଧି କାମ କରନ୍ତି। ସେ ପୂର୍ବରୁ ଗୁଡ଼ାରୀ ସ୍କୁଲରେ କାମ କରୁଥିଲେ। ଏହି ସମୟରେ କାର୍ଯ୍ୟରେ ଅବହେଳା ଅଭିଯୋଗରେ ୨୦୧୮ ମାର୍ଚ୍ଚରେ ତାଙ୍କୁ ନିଲମ୍ବିତ କରାଯାଇଥିଲା। ପରେ କୋଲନରା ହାଇସ୍କୁଲକୁ ବଦଳି କରାଯାଇଥିଲା। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଯିବା ଆସିବାରେ ଅସୁବିଧା ହେବାରୁ ସେ ଗୁଡ଼ାରୀ ବଦଳି କରିବା ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଭେଟିବାକୁ ଯାଇଥିଲେ। ହେଲେ ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ କିରାଣିଙ୍କୁ ଜଣାଇଥିଲେ। ବଦଳି କରିବା ଲାଗି କାର୍ଯ୍ୟାଳୟ ଜନୈକ କର୍ମଚାରୀ ଶିକ୍ଷୟିତ୍ରୀଙ୍କ ସ୍ୱାମୀଙ୍କଠାରୁ ୧୦ ହଜାର ଟଙ୍କା ନେଇଥିବା ସେ ଅଭିଯୋଗ କରିଛନ୍ତି। ଏମିତି କି ଶିକ୍ଷାଗତ ଯୋଗ୍ୟତା ଅନୁସାରେ କାମ ନ ଦେବା ଓ ଦରମା ବନ୍ଦ କରାଯାଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ସେହିପରି ଅନ୍ୟ ଜଣେ କର୍ମଚାରୀ ସତ୍ୟନାରାୟଣ ବିଶୋୟୀ ରାତିରେ ତାଙ୍କ ଘରକୁ ଡ଼ାକୁଥିବା ସେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସନ୍ଧ୍ୟାରେ ଶିକ୍ଷୟିତ୍ରୀ ଜଣକ ରାୟଗଡ଼ା ଥାନାରେ ଏତଲା ଦେଇଛନ୍ତି। ଏନେଇ ପୋଲିସ ଏକ ମାମଲା(୨୬୮/୧୯) ରୁଜୁ କରିଛି। ଏନେଇ ଏସପି ଶ୍ରବଣ ବିବେକ ଏମଙ୍କୁ ପଚାରିବାରୁ, ଏ ବିଷୟରେ ମୋ ପାଖରେ ଖବର ନାହିଁ। କିଛି ସମୟ ପୂର୍ବରୁ ଶିକ୍ଷୟିତ୍ରୀ ଜଣକ ଥାନାରେ ଏତଲା ଦେଇଛନ୍ତି। ଅଭିଯୁକ୍ତଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି ବୋଲି କହିଛନ୍ତି।

### ■ ମୁନିଗୁଡାରେ ହାତୀ ଆତଙ୍କ
# ନଷ୍ଟ କଲେ ଘର, ଫସଲ

**ମୁନିଗୁଡା,୧।୯(ଡ଼ି.ଏନ.ଏ)**

ଦୀର୍ଘ ଏକ ମାସ ହେଲାଣି ରାୟଗଡା ଜିଲା ମୁନିଗୁଡା ରେଞ୍ଜ ଅଧୀନରେ ଏକ ହାତୀପଲ ଆତଙ୍କ ମଚାଇଛନ୍ତି। ଅଞ୍ଚଳରେ ବହୁ ଫସଲ ଓ ଘର ନଷ୍ଟ କରୁଛନ୍ତି। ଶନିବାର ରାତିରେ ପୁଣି ମୁନିଗୁଡା ରେଞ୍ଜ ଅଧୀନସ୍ଥ ନିୟମଗିରି ପାଦଦେଶରେ ଥିବା କାଟାଗାଡା ଗ୍ରାମରେ ହାତୀପଲ ପଶି ଆତଙ୍କ କରିଛନ୍ତି। ଘର ଭାଙ୍ଗିବା ସହ ବହୁ ଫସଲ ନଷ୍ଟ କରିଦେଇଛନ୍ତି। ଏହାକୁ ନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବନ ବିଭାଗ କର୍ମଚାରୀମାନେ ଗାଁରେ ପହଞ୍ଚି ଲୋକଙ୍କୁ ଆଶ୍ୱାସନା ଦେଉଛନ୍ତି। ଏହି ହାତୀପଲରେ ଦନ୍ତା ହାତୀ ସହ ୧୦ ରୁ ୧୫ ହାତୀ ଥିବା ଅନୁମାନ କରାଯାଉଛି। ରାତି ପ୍ରାୟ ୯ଟା ସମୟରେ ହାତୀପଲ ଖୁବ୍ ଜୋରରେ ଗର୍ଜନ କରି ଗାଁ ଭିତରକୁ ପଶି ଥିଲେ। ପରେ ଗାଁ ନିକଟରେ ଥିବା ବହୁ ଫସଲ ନଷ୍ଟ କରିବା ସହ ଏକ ଘରକୁ ସମ୍ପୂର୍ଣ୍ଣ ନଷ୍ଟ କରିଥିଲେ। ଗ୍ରାମର ସଭାମଣି ଟାକ୍ରୀ, ବିସେକ ଟାକ୍ରୀଙ୍କ ସମେତ ଅନ୍ୟମାନଙ୍କର ହଳଦୀ, ଅଦା, ମକା, ମାଣ୍ଡିଆ, ଧାନ, କଦଳୀ ଫସଲ ଓ ଘର ନଷ୍ଟ ହୋଇଥିବା ଜଣାପଡିଛି। ଖବରପାଇ ବନ ବିଭାଗ କର୍ମଚାରୀମାନେ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପଡ଼ୋଶୀ କଳାହାଣ୍ଡି ଜିଲାରୁ ଚାଲି ଆସିଥିବା ଏହି ହାତୀପଲ ଏକ ମାସ ଧରି ମୁନିଗୁଡା ରେଞ୍ଜରେ ବୁଲୁଛନ୍ତି। ଏନେଇ ମୁନିଗୁଡ଼ା ଫରେଷ୍ଟର ହରିଶ୍ଚନ୍ଦ୍ର ମାର୍ଥାଙ୍କୁ ପଚାରିବାରୁ, ବର୍ତ୍ତମାନ ଏହି ହାତୀପଲକୁ କିପରି ସୁରକ୍ଷା ଦିଆଯିବ ଓ ଘଉଡ଼ାଯିବ ତାର ବ୍ୟବସ୍ଥା ଜାରି ରହିଛି ବୋଲି କହିଛନ୍ତି। କାଟାଗାଡା ଅଞ୍ଚଳକୁ ପ୍ରଥମ ଥର ପାଇଁ ହାତୀ ଆସିଥିବାରୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଫସଲ ନଷ୍ଟର କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


ହାତୀ ପଲ ଭାଙ୍ଗି ଦେଇଥିବା ଏକ ଘର।

# ପାଣି କୁଣ୍ଡରେ ପଡ଼ି ଶିଶୁ ମୃତ

**ରାୟଗଡ଼ା ଅଫିସ,୧।୯**

ରାୟଗଡ଼ାସ୍ଥିତ ରାଣୀଗୁଡ଼ା ଫାର୍ମର ୬ଷ୍ଠ ଲାଇନରେ ରବିବାର ଜଣେ ଶିଶୁ ପାଣି କୁଣ୍ଡରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ବିଜୟାନନ୍ଦ ବିଶିଙ୍କ ପୁଅ କିରନ ବିଶି(୭)। ଅପରାହ୍ନରେ କିରନ୍ ନିଜ ଘର ପାଖରେ ଖେଳୁଥିଲେ। ଅସାବଧାନତା ଯୋଗୁ ସେ ନିକଟରେ ଥିବା ଏକ ପାଣି କୁଣ୍ଡରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ବ୍ୟବଚ୍ଛେଦ କରାଯିବ।

### ■ ଛାତ୍ରୀଙ୍କୁ ପ୍ରତାରଣା ଅଭିଯୋଗ
# ପ୍ରତାରକ ପ୍ରେମିକ ସହ ୪ ଗିରଫ

**ରାୟଗଡ଼ା ଅଫିସ, ୧।୯**

ପ୍ରଥମେ ପ୍ରେମ ପରେ ପ୍ରତାରଣା ଓ ଏହାକୁ ନେଇ ଯୁବତୀ ଜଣଙ୍କ ପ୍ରେମିକ ଘର ଆଗରେ ଧାରଣା ଦେଇଥିଲେ। ଏହି ଘଟଣା ସମାଧାନ ପାଇଁ ଶନିବାର ମାନବାଧିକାରୀ ଟିମ୍ ଉଭୟ ପକ୍ଷକୁ ଶେଷଖାଲ ଥାନାକୁ ଡାକିଥିଲେ। କିନ୍ତୁ ସେଠାରେ ସମାଧାନ ପରିବର୍ତ୍ତେ ଉଭୟ ପକ୍ଷ ହାତାହାତି ହୋଇଥିଲେ। ପରେ ଉଭୟ ପକ୍ଷ ଥାନାରେ ପୃଥକ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଶେଷଖାଲ ଥାନା ପୋଲିସ ରବିବାର ପ୍ରତାରକ ପ୍ରେମିକଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅଧ୍ୟାପକ ଧୀରେନ ପଟ୍ଟନାୟକ, ଶିବ ନାରାୟଣ ପାତ୍ର, ଗୋପୀନାଥ ମୁସୁକା, କ୍ରାନ୍ତି କୁମାର ବିଡ଼ିକା। ଉଭୟ ଛାତ୍ରୀ ଓ ଅଧ୍ୟାପକଙ୍କୁ ଡ଼ାକ୍ତରୀମାଇନା ପାଇଁ ପଠାଯାଇଛି।

ପ୍ରକାଶ ଯେ, ୨୦୧୫ରେ ଝାଡଖଣ୍ଡର ଉକ୍ତ ଯୁବତୀ ଜଣଙ୍କ ପିତାମହଲସ୍ଥିତ ଏକ ଘରୋଇ ବୈଷୟିକ କଲେଜରେ ସିଭିଲ୍ ଇଞ୍ଜିନିୟରିଂ କରୁଥିଲେ। ସେହି ସମୟରେ କଲେଜ ଅଧ୍ୟାପକ ଧୀରେନ ପଟ୍ଟନାୟକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟ ବିବାହ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଏହା ମଧ୍ୟରେ ଅଧ୍ୟାପକଙ୍କ ବିବାହ ଅନ୍ୟତ୍ର ଠିକ୍ ହୋଇଯାଇଥିଲା। ଏହି ଖବର ପାଇ ଯୁବତୀ ଓ ତାଙ୍କ ପରିବାର ୨୯ ତାରିଖରେ ଅଧ୍ୟାପକଙ୍କ ଘର ଆଗରେ ଧାରଣା ଦେଇଥିଲେ। ଏହି ଘଟଣାର ସମାଧାନ ପାଇଁ ମାନବାଧୀକାର ଟିମ୍ ହସ୍ତକ୍ଷେପ କରିଥିଲେ। ଉଭୟ ପକ୍ଷକୁ ଶନିବାର ଶେଷଖାଲ ଥାନାକୁ ଡକାଇଥିଲେ। ଘଟଣାର ସମାଧାନ ହେବା ପରିବର୍ତ୍ତେ ଉଭୟ ପକ୍ଷଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଏ ନେଇ ପୋଲିସ ଦୁଇଟି ପୃଥିକ ପୃଥିକ ଭାବେ ଦୁଇଟି ମାମଲା( ୭୫/୧୯ ଓ ୭୬/୧୯) ରୁଜୁ କରି ୫ ଜଣଙ୍କୁ ଅଟକ ରଖିଥିଲା। ରବିବାର ଧୀରେନ୍‌ଙ୍କ ସମେତ ଅନ୍ୟ ୩ଜଣଙ୍କୁ ପୋଲିସ ଗିରଫ କରିଛି। ଏହା ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ।

# ଆରମ୍ଭ ହେଲା ଭୋଟର ତାଲିକା ଯାଞ୍ଚ

### ଜାନୁୟାରୀରେ ପ୍ରକାଶ ପାଇବ ଚୂଡାନ୍ତ ଭୋଟର ତାଲିକା



କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଅନ୍ୟମାନେ।

**ରାୟଗଡ଼ା ଅଫିସ୍, ୧।୯**

ଗଣତନ୍ତ୍ର ଓ ନିର୍ବାଚନ ପ୍ରକ୍ରିୟାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ସାରା ଦେଶରେ ଭୋଟର ତାଲିକା ଯାଞ୍ଚ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାୟଗଡ଼ାରେ ଜିଲାପାଳ ପ୍ରମୋଦ କୁମାର ବେହେରା ରବିବାର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଛନ୍ତି। ଦେଶର ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶରେ ଚାଲିଥିବା ଏହି ଯାଞ୍ଚ କାର୍ଯ୍ୟକ୍ରମ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଜାରି ରହିବ। ଏହି କାର୍ଯ୍ୟକ୍ରମ ଅନୁସାରେ ପ୍ରତ୍ୟେକ ଭୋଟରଙ୍କୁ ନିର୍ଦ୍ଦିଷ୍ଟ ୟୁଜର ନେମ୍ ଏବଂ ପାସ୍‌ୱାର୍ଡ ଦିଆଯିବ। ଯାଞ୍ଚ ସମୟରେ ଭୋଟରମାନେ ଦେଇଥିବା ତଥ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ ଗଚ୍ଛିତ ରହିବ। ତାହା ଭୋଟରଙ୍କ ବିଭିନ୍ନ ସୁବିଧା ଓ ଅଧିକାର ପାଇଁ ବ୍ୟବହାର କରାଯିବ। ଭୋଟରଙ୍କ କୌଣସି ସୂଚନା ବା ପ୍ରମାଣପତ୍ରରେ ଭୁଲ୍ ଥିଲେ ତାହାକୁ ଠିକ୍ କରାଯିବ। ଏହି ତଥ୍ୟ ତିନୋଟି ସ୍ତରରେ ଯାଞ୍ଚ ହେବ। ପରେ ୨୦୨୦ ଜାନୁୟାରୀରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ଏହି ଯାଞ୍ଚ ପ୍ରକ୍ରିୟା ଅନ୍‌ଲାଇନ୍ ଓ ଅଫ୍ ଲାଇନ୍ ମାଧ୍ୟମରେ କରାଯିବ। କମନ ସର୍ଭିସ୍ ସେଣ୍ଟର ସମେତ ତହସିଲ କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଭୋଟର ତାଲିକା ପଞ୍ଜୀକରଣ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ ପ୍ରମୋଦ କୁମାର ବେହେରା, ଜିଲା ନିର୍ବାଚନ ଅଧିକାରୀ ନାରାୟଣ ମିଶ୍ର, ଅତିରିକ୍ତ ଜିଲାପାଳ, ସୁଧାକର ଶବର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଉପସ୍ଥିତ ଥିଲେ।

## ଆଧାର କାର୍ଡ ସଂଯୋଗ ପାଇଁ ଲୋକେ ହନ୍ତସନ୍ତ

**ଚନ୍ଦ୍ରପୁର, ୧।୯ (ଡି.ଏନ୍.ଏ.)**

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକରେ ରହିଛି ୮ ପଞ୍ଚାୟତ। ସମଗ୍ର ପଞ୍ଚାୟତ ସମିତିରେ ୪୦ ହଜାରରୁ ଉର୍ଦ୍ଧ୍ୱ ଲୋକେ ବସବାସ କରନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ଆଧାର କାର୍ଡ ସଂଯୋଗୀକରଣ ଏକ ମୁଖ୍ୟ ସମସ୍ୟା ହୋଇପଡିଛି। ଯେଉଁ ହିତାଧିକାରୀମାନଙ୍କ ଆଧାର କାର୍ଡରେ ତଥ୍ୟ ଭୁଲ୍ ରହିଛି, ଆଧାରକାର୍ଡ ହଜିଯାଇଛି ସେମାନେ ଚନ୍ଦ୍ରପୁର ବ୍ଲକ ପରିବର୍ତ୍ତେ ମୁନିଗୁଡା ବ୍ଲକ ୫୫ କି.ମି. ଦୂରକୁ ନିୟମିତ ଯାଇ ନୟାନ୍ତ ହେଉଥିବର ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏଥିପୂର୍ବରୁ ପ୍ରତି ପଞ୍ଚାୟତସ୍ତରରେ ନିର୍ଦ୍ଦିଷ୍ଟ ଦିନ, ତାରିଖ ଧାର୍ଯ୍ୟ କରାଯାଇ ନୂତନ ଆଧାରକାର୍ଡ ପ୍ରସ୍ତୁତ ନିମନ୍ତେ ସରକାରଙ୍କ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ବର୍ତ୍ତମାନ ତାହା ବନ୍ଦ ହେବାରୁ ହିତାଧିକାରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଆଧାର ସଂଯୋଗୀକରଣ ଲାଗି ମୋବାଇଲ ଫୋନ୍ ଜରୁରୀ ଜାଣିବା ପରେ ହିତାଧିକାରୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଗରିବ ହିତାଧିକାରୀମାନେ ମୋବାଇଲ ଫୋନ୍‌ର ବ୍ୟବହାର ତ ଦୂରର କଥା କିଣିବା ତାଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଯେଉଁମାନଙ୍କର ଫୋନ୍ ଅଛି ସେମାନେ ଚନ୍ଦ୍ରପୁରରୁ ମୁନିଗୁଡା ୫୫ କି.ମି. ବସ୍ ଯୋଗେ ଆସି ଏକ ସାଇବର କୈଫ୍‌ରେ ସଂଯୋଗୀକରଣ ଲାଗି ଦିନ ତମାମ ଅପେକ୍ଷା କରି ରହୁଛନ୍ତି। ଏଠାରେ ସାମାନ୍ୟ ପବନ ବର୍ଷା ହେଲେ ବିଦ୍ୟୁତ୍ ତାର ଉପରେ ଗଛ ପଡି ବିଦ୍ୟୁତ୍ ବିଭ୍ରାଟ ଦେଖାଦେଉଥିବା ବେଳେ ଅଧିକାଂଶ ସମୟ ମୋବାଇଲ ସେବା ନ ଥିବାରୁ ହିତାଧିକାରୀମାନେ ହଇରାଣ ହେଉଛନ୍ତି। ଚନ୍ଦ୍ରପୁରରେ ଆଧାର ସଂଯୋଗୀକରଣ ପାଇଁ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା କରିବାକୁ ଚନ୍ଦ୍ରପୁର ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭୀମ ଗଗେରେଙ୍ଗା, ପୂର୍ବତନ ସରପଞ୍ଚ ଦୟାନିଧି ପାତ୍ର, ସୁନିତା କୁମାରୀ ମୁଣ୍ଡିକା, ପୂର୍ବତନ ସରପଞ୍ଚ ସତ୍ୟ ନାରାୟଣ ପ୍ରତୀକା ପ୍ରମୁଖ ଦାବି କରିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ନ ଦେଲେ ଚନ୍ଦ୍ରପୁର ଅଞ୍ଚଳର ବହୁ ଗରିବ ହିତାଧିକାରୀ ଓଡ଼ିଶା ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିବେ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

# ତାଲିମ ନେଲେ ୫୦ ଚାଷୀ


ଚାଷୀମାନଙ୍କୁ ତାଲିମ ଦିଆଯାଉଛି।

**ଟିକିରି, ୧।୯(ଡି.ଏନ୍.ଏ.)**

କାଶୀପୁର ବ୍ଲକସ୍ଥିତ କୃଷି ସୂଚନା ଓ ପରାମର୍ଶ କାର୍ଯ୍ୟାଳୟରେ ମକାଚାଷରେ ଲାଗୁଥିବା ଫଲ୍ ଆର୍ମି ୱାର୍ମ ପୋକ ଓ ତାହାର ପ୍ରତିକାର କିପରି କରିବେ ସେ ସମ୍ପର୍କରେ ଚାଷୀମାନଙ୍କୁ ତାଲିମ ଦିଆଯାଇଛି। କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆତ୍ମାର ଉପପ୍ରକଳ୍ପ ନିର୍ଦ୍ଦେଶକ ସୁମନ ସିଂ ପଟ୍ଟନାୟକ ଯୋଗ ଦେଇଥିଲେ। ସେ ମକା ଫସଲରେ ଲାଗୁଥିବା ଫଲ୍ ଆର୍ମି ୱାର୍ମ ପୋକ ଦାଉରୁ ଫସଲକୁ କିପରି ରକ୍ଷା କରିପାରିବେ ସେ ନେଇ ଉପସ୍ଥିତ ଚାଷୀଙ୍କୁ ବୁଝାଇଥିଲେ। ଶିବିରରେ ସହକାରୀ କୃଷି ଅଧିକାରୀ ତିରୁପତି ସିନପିନ, ଅନସୂୟା ଶତପଥୀ, ଜୟକୃଷ୍ଣ ସାହୁ, ନିରଞ୍ଜନ ନାୟକ, ଡମ୍ବରୁ ନିମାଲ, ମନୋରମା ସେଠୀ, ସରିତା ପ୍ରଧାନ, ମଞ୍ଜୁଶ୍ରୀ ସିଂ, ପାୟଲ ପ୍ରଧାନୀଙ୍କ ସମେତ ବିଭିନ୍ନ ପଞ୍ଚାୟତର କୃଷକ ସାଥୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶିବିରରେ ଉପସ୍ଥିତ ୫୦ ଚାଷୀଙ୍କୁ ଟ୍ରାଇକୋ କାର୍ଡ ପ୍ରଦାନ କରାଯାଇଥିଲା।

### ■ ଜଗନ୍ନାଥପୁର ଅସ୍ଥାୟୀ ବ୍ରିଜ
# ମରାମତି ପରେ ପୁଣି ଧୋଇଗଲା


ରବିବାର ମରାମତି ହୋଇଥିବା ରାସ୍ତାରେ ଲୋକେ ଯାତାୟାତ କରୁଛନ୍ତି।

**ଗୁଣପୁର,୧।୯(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ବ୍ଲକ ଜଗନ୍ନାଥପୁର ଅସ୍ଥାୟୀ ବ୍ରିଜ ମରାମତି ପରେ ପୁଣି ଧୋଇଯାଇଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ରବିବାର ନାଳରେ ପାଣି ଆସିଛି। ବ୍ରିଜ ଉପର ଦେଇ ପାଣି ପ୍ରବାହିତ ହେଉଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଶନିବାର ନାଳରେ ପାଣି ଆସି ବ୍ରିଜର ଅସ୍ଥାୟୀ ବ୍ରିଜ ଧୋଇ ଯାଇଥିଲା। ରବିବାର ପୂର୍ବାହ୍ନରେ ଏହା ମରାମତି କରାଯାଇଥିଲା। ଯାତାୟାତ ସ୍ୱାଭାବିକ ମଧ୍ୟ ହୋଇଥିଲା। ହେଲେ ଅପରାହ୍ନରେ ପୁଣି ପ୍ରବଳ ବର୍ଷା ହେବାରୁ ସନ୍ଧ୍ୟାରେ ନାଳରେ ପାଣି ଆସି ବ୍ରିଜ ଉପର ଦେଇ ପ୍ରବାହିତ ହୋଇଛି। ବର୍ତ୍ତମାନ ସୁଦ୍ଧା ଏହା ଦୁଇଥର ଧୋଇଗଲାଣି। ସ୍ଥାୟୀ ବ୍ରିଜ ନିର୍ମାଣରେ ବିଳମ୍ବ ଯୋଗୁ ଅସ୍ଥାୟୀ ବ୍ରିଜରେ ଲୋକେ ଯାତାୟାତ କରୁଛନ୍ତି। ହେଲେ ଅସ୍ଥାୟୀ ବ୍ରିଜ ବାରମ୍ବାର କ୍ଷତିଗ୍ରସ୍ତ ହେବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତାୟାତ ଠପ ହେବାସହ ଯୋଗାଯୋଗ ବିଚ୍ଛିନ୍ନ ହେଉଛି। ଏଣୁ ପୂର୍ତ୍ତ ବିଭାଗ ତୁରନ୍ତ ସ୍ଥାୟୀ ବ୍ରିଜ ନିର୍ମାଣ ଶେଷ କରିବାକୁ ଦାବି ହୋଇଛି।

# ବର୍ଷାରେ ଭୁଶୁଡ଼ିଲା କାନ୍ଥ

**ଗୁଣପୁର,୧।୯(ଡି.ଏନ.ଏ)**

ଗୁଣପୁର ବ୍ଲକ ଗୋଠଲପଦର ପଞ୍ଚାୟତ କୁକୁରୁଗୁଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରର କାନ୍ଥ ପ୍ରବଳ ବର୍ଷାରେ ଭୁଶୁଡ଼ି ପଡ଼ିଛି। ଫଳରେ ଜିନିଷପତ୍ର ନଷ୍ଟ ହୋଇଯାଇଛି। ଘରେ ନିମାଲା ସୁବୁଦ୍ଧି ବୃଦ୍ଧା ଜଣକ ଘରେ ଶୋଇଥିବା ବେଳେ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ହେଲେ ଏଥିରେ କେହି ମୃତାହତ ହୋଇ ନାହାନ୍ତି।


ବର୍ଷାରେ ଭାଙ୍ଗି ଯାଇଥିବା କାନ୍ଥ।


ଅତିଥିମାନେ ଚାରାରୋପଣ କରୁଛନ୍ତି।

# ସାମୂହିକ ଚାରାରୋପଣ

**ଗୁଡ଼ାରୀ, ୧।୯(ଡି.ଏନ୍.ଏ.)**

ଗୁଣପୁର ସିଭିଲ୍ କୋର୍ଟ ଆନୁକୂଲ୍ୟରେ ଗୁଡାରୀ କୃଷି କାର୍ଯ୍ୟାଳୟ ନିକଟରେ ରବିବାର ସାମୂହିକ ଚାରାରୋପଣ କରାଯାଇଛି। ଗୁଡାରୀ ବ୍ଲକର ସମସ୍ତ ପଞ୍ଚାୟତ ଅଫିସରେ ଏହି କାର୍ଯ୍ୟକ୍ରମ ଜାରି ରହିଥିଲା। ଗୁଣପୁର ସିଭିଲ କୋର୍ଟ ଜେଏମ୍‌ଏଫ୍‌ସି ଦୀପଙ୍କର ବଳ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚାରାରୋପଣ କରିଥିଲେ। ଗୁଡାରୀ ବିଡିଓ ନୃସିଂହ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମପୁର ବିଡିଓ ଅଗସ୍ତି ପ୍ରଧାନ, ଆଡଭୋକେଟ ରମେଶ ଲିମା, ରେଞ୍ଜର ସୁବାସ ଚନ୍ଦ୍ର ପହେଇ, ଲ୍ୟାମ୍ପସ୍ ଏମ୍‌ଡି ଦେବରାଜ ପତି, କନିଷ୍ଠ କୃଷି ଅଧିକାରୀ ସନାତନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନେ ପ୍ରତ୍ୟେକ ଗୋଟିଏ ଲେଖାଏଁ ଚାରାରୋପଣ କରିଥିଲେ।

### ■ ଗୁଣପୁରରେ କ୍ୟାରିୟର କାଉନ୍‌ସେଲିଂ
# ଛାତ୍ରୀଛାତ୍ରଙ୍କୁ ତାଲିମ ଦେଲେ ଆଇଏଏସ୍, ଆଇପିଏସ୍ ଅଧିକାରୀ

**ଗୁଣପୁର,୧।୯(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଅଞ୍ଚଳରେ ଯୁବ ଗୋଷ୍ଠୀଙ୍କୁ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସମକକ୍ଷ କରାଇବା ସହ ଭାଗ ନେବା ଉଦ୍ଦେଶ୍ୟରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଗତ ୪ ତାରିଖରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଉଡ଼ାନ୍ ଉଦ୍‌ଘାଟନ ହୋଇଥିଲା। ଏହାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀମାନେ ଯୋଗଦେଇ ଛାତ୍ରୀଛାତ୍ରମାନେ କିପରି ଭାରତୀୟ ପ୍ରଶାସନିକ ସେବାରେ ସଫଳତା ପାଇବେ, ସେନେଇ ଟିପ୍‌ସ ପ୍ରଦାନ କରିଥିଲେ। ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ ଏବଂ ଏସ୍‌ପି ଡ.ଶ୍ରବଣ ବିବେକ ଏମ୍ ପ୍ରମୁଖ ଯୋଗଦେଇ ଭାରତୀୟ ପ୍ରଶାସନିକ ପରୀକ୍ଷାରେ କିଭଳି ଭାଗନେଇ କୃତକାର୍ଯ୍ୟ ହେବେ ସେନେଇ ଛାତ୍ରୀଛାତ୍ରଙ୍କୁ ତାଲିମ ଦେଇଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଭଲ ପାଠ ପଢି ଆଦର୍ଶ ମଣିଷ ହେବାକୁ ଆହ୍ୱାନ କରିଥିଲେ। ପ୍ରତିଯୋଗିତାମୂଳକ ଦୁନିଆରେ କିପରି ନିଜକୁ ଉପଯୋଗ କରିହେବ ସେନେଇ ଅତିଥିମାନେ କହିଥିଲେ। କଠିନ ପରିଶ୍ରମ, ଆତ୍ମବିଶ୍ୱାସ ରହିବା ସହ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଜୀବନରେ ସଫଳତା ପାଇବେ ବୋଲି କହିଥିଲେ। ବିଫଳତା ହିଁ ସଫଳତାର ମାପକାଠି। ତେଣୁ ବିଫଳତାରେ ଆତ୍ମହରା ନ ହୋଇ ଆଗକୁ କିପରି ବଢିହେବ ସେ ଦିଗରେ ଛାତ୍ରୀଛାତ୍ର ଯତ୍ନବାନ ହେବା ଜରୁରୀ ବୋଲି ଅତିଥିମାନେ କହିଥିଲେ।


ପିଡି ଛାତ୍ରୀଛାତ୍ରଙ୍କୁ ଟିପ୍‌ସ ଦେଉଛନ୍ତି।


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

